

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୨୮ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 MAY 2022

Vol.No. 33 ■ No. 139 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

ଆରୟନ ଖାନଙ୍କୁ ଫସାଇଥିଲା ଏନସିବି

ନୂଆଦିଲ୍ଲୀ, ୨୭/୦୫ : ବହୁଚର୍ଚ୍ଚିତ କ୍ରୁଜ ଡ୍ରଗ କେସରେ କିଙ୍ଗ ଖାନ୍ ଶାହରୁଖଙ୍କ ପୁଅ ଆରୟନ ଖାନଙ୍କୁ ମିଳିଲା କ୍ଲିନଚିଟ୍ । ଶୁକ୍ରବାର ସ୍ୱତନ୍ତ୍ର ଏନଡିପିଏସ କୋର୍ଟରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଛି । ଏନସିବି ଚାର୍ଜସିଟରେ ଆରୟନ ନିର୍ଦ୍ଦୋଷ ବୋଲି ଦର୍ଶାଯାଇଛି । ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ପାର୍ଟି ଘଟଣାରେ ଗିରଫ ହୋଇ ଜେଲ ଯାଇଥିବା ବଲିଉଡ୍ ବାଦଶାହଙ୍କ ପୁଅ ଆରୟନ ଖାନଙ୍କୁ ବଡ ଆଶ୍ୱସ୍ତି । ଘଟଣାରେ ଆରୟନଙ୍କୁ ମିଳିଲା କ୍ଲିନ୍ ଚିଟ୍ । ଏନସିବି ବା ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ଚାର୍ଜସିଟରେ ଆରୟନ ଖାନଙ୍କୁ ନିର୍ଦ୍ଦୋଷ ବୋଲି ଦର୍ଶାଯାଇଛି । ଆରୟନଙ୍କ ବିରୋଧରେ ମିଳିନାହିଁ କୌଣସି ପ୍ରମାଣ । ସ୍ୱତନ୍ତ୍ର ଏନଡିପିଏସ କୋର୍ଟରେ ଏନସିବି ଦାଖଲ କରିଥିବା ୬ ହଜାର ପୃଷ୍ଠାର ଚାର୍ଜସିଟରେ ଆରୟନ ଖାନଙ୍କ ନାମ ନାହିଁ । ଏହାର ଅର୍ଥ ଆରୟନ ଖାନଙ୍କୁ ଏହି ମାମଲାରେ କ୍ଲିନ୍ ଚିଟ୍ ପ୍ରଦାନ କରାଯାଇଛି । ଏନସିବି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ ଆରୟନ ଖାନ୍ ନିର୍ଦ୍ଦୋଷ ବୋଲି କୁହାଯାଇଛି । ଏହି ମାମଲାରେ ମୁଖ୍ୟ ଆସାମୀ ଭାବେ ଶାହୁରଖ ଖାନଙ୍କ ପୁଅ ଆରୟନ ଖାନଙ୍କୁ ଦର୍ଶାଯାଇଥିଲା । ଏପରିକି ଅନ୍ତର୍ଜାତୀୟ ଡ୍ରଗ୍ସ କାରବାରରେ ଆର୍ୟନ ଖାନଙ୍କ ହାତ ଥିବା ମଧ୍ୟ କୁହାଯାଉଥିଲା । ହେଲେ ଏବେ ମାମଲାରେ ଆର୍ୟନଙ୍କୁ ସମ୍ପୂର୍ଣ୍ଣ ନର୍ଦ୍ଦୋଷ ବୋଲି କହିଛି ନାର୍କୋଟିକ୍ ବ୍ୟୁରୋ । ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ଆରୟନ ଖାନଙ୍କ ବିରୋଧରେ ମିଳିନାହିଁ କୌଣସି ବି ପ୍ରମାଣ । ତେବେ ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଏବେବି ଚାଲିବ କେସ୍ । ଘଟଣାରେ ସମ୍ପୃକ୍ତ ଥିବା ଆରୟନ ଖାନଙ୍କ ସାଙ୍ଗ ଅରବଜା ମର୍ଚାଣ୍ଟ ଓ ମୁନମୁନ୍ ଧମେଚାଙ୍କୁ ମିଳିନି ଆଶ୍ୱସ୍ତି । ଏମାନଙ୍କ ସମେତ ୧୪ ଜଣଙ୍କ ବିରୋଧରେ ସ୍ୱତନ୍ତ୍ର ଏନଡିପିଏସ କୋର୍ଟରେ ଚାଲିବ ମକଦ୍ଦମା । ଏନସିବି ଚାର୍ଜସିଟରେ ଆର୍ୟନ ଖାନଙ୍କ ନାମ ଉଲ୍ଲେଖ ହୋଇ ନାହିଁ । ଆଉ ଏନସିବି ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଆରୟନ ଖାନ୍‌ଙ୍କୁ ନିର୍ଦ୍ଦୋଶ ବୋଲି କୁହାଯାଇଛି । ତେବେ କେଉଁ ଆଧାରରେ ଆରୟନଙ୍କୁ ନିର୍ଦ୍ଦୋଶ କୁହାଯାଇଛି, ଅରବାଜଙ୍କ ପାଖରେ ମିଳିଥିବା ଡ୍ରଗ୍ସ ସହିତ ଆରୟନ ଖାନ୍‌ଙ୍କର କୌଣସି ସମ୍ପୃକ୍ତି ନଥିଲା । କ୍ରୁଜ୍ ଡ୍ରଗ୍ସ ପାର୍ଟି ବେଳେ ହୋଇଥିବା ଚଢାଉବେଳେ ନିଶାଶକ୍ତ ଅବସ୍ଥାରେ ନଥିଲେ ଆରୟନ । ଆରୟନ କ୍ରୁଜକୁ ଡ୍ରଗ୍ସ ନେବା ପାଇଁ ମନାକରିଥିଲେ ବୋଲି ବନ୍ଧୁ ଅରବାଜ୍ ଖାନ୍ ନିଜ ବୟାନରେ କହିଥିଲେ । କୌଣସି ବି ଡ୍ରଗ୍ସ ପେଡଲରଙ୍କ ସହ ଆରୟନଙ୍କ ସମ୍ପୃକ୍ତି ନେଇ ଏନସିବି କୁ ମିଳିନାହିଁ ପ୍ରମାଣ । ଅକ୍ଟୋବର ୨, ୨୦୨୧ରେ ମୁମ୍ବାଇ କ୍ରୁଜରେ ଚଢାଉ କରି ଆରୟନ ଖାନ୍‌ଙ୍କ ସମେତ ତାଙ୍କ ବନ୍ଧୁ ଅରବାଜ ମର୍ଚାଣ୍ଟ, ମୁନମୁନ ଧମେଚାଙ୍କୁ ଗିରଫ କରିଥିଲା ଏନସିବି । ମାମଲାରେ ଆରୟନଙ୍କୁ ଜେଲ୍ ଯିବାକୁ ପଡିଥିଲା । ୨୬ ଦିନ ଜେଲରେ ରହିବା ପରେ ଆରୟନଙ୍କୁ ମିଳିଥିଲା ସର୍ତ୍ତମୂଳକ ଜାମିନ । ତେବେ ପୁରା ମାମଲା ଏନସିବିର କାର୍ଯ୍ୟ ଦକ୍ଷତା, ବିଶ୍ୱସନୀୟତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି ।

ପୋଲାଣ୍ଡକୁ ଋଷର ଧମକ ! ୟୁକ୍ରେନ ଅଭିଯାନ ଶେଷ, ଏଥର ଟାର୍ଗେଟରେ ପୋଲାଣ୍ଡ

ନୂଆଦିଲ୍ଲୀ, ୨୭/୦୫ : ଋଷିଆ ଓ ୟୁକ୍ରେନ ମଧ୍ୟରେ ୯୨ ଦିନ ଅତିକ୍ରମ କରିସାରିଲାଣି ଯୁଦ୍ଧ । ୩ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଧ୍ୱସ୍ତ ବିଧ୍ୱସ୍ତ ହୋଇସାରିଲାଣି ୟୁକ୍ରେନ । ଏଠାରେ ୪୦ ସହର ଉପରେ ଘନ ଘନ ବୋମା ମାଡ କରି ୪୭ଟି ବଡ ବଡ ଅଟ୍ଟାଳିକା ସହ ୩୮ ସ୍କୁଲକୁ ଧ୍ୱସଂ କରିଦେଇଛି ଋଷ ସେନା । ତେବେ ଏହାରି ମଧ୍ୟରେ ଋଷର ଆଖି ପୋଲାଣ୍ଡ ଉପରେ । ୟୁକ୍ରେନକୁ ଯୁଦ୍ଧ ପାଇଁ ଅସ୍ତ୍ର ଯୋଗାଉଥିବା ପୋଲାଣ୍ଡକୁ ଧମକ ଦେଇଛି ଋଷ । ଆଉ କହିଛି ଏବେ ୟୁକ୍ରେନ ଅଭିଯାନ ଶେଷ ହୋଇଛି ଏଥର ପୋଲାଣ୍ଡ ଉପରେ ଆକ୍ରମଣ କରିବୁ । ଚେଚେନ ଷ୍ଟ୍ରଙ୍ଗମ୍ୟାନ ଭାବେ ପରିଚିତ ଋଷ ରାଷ୍ଟ୍ରପତି ପୁତିନଙ୍କ ସହଯୋଗୀ ରମଜାନ କାଦିରୋଭ ପୋଲାଣ୍ଡକୁ ଏମିତି ଧମକ ଦେଇଛନ୍ତି । ୟୁକ୍ରେନ ଯୁଦ୍ଧରେ ଋଷ ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ରମଜାନ କହିଛନ୍ତି- ଏବେ ୟୁକ୍ରେନରେ ଆମ ଅଭିଯାନ ଶେଷ ହୋଇଛି । ବର୍ତ୍ତମାନ ପୋଲାଣ୍ଡ ଉପରେ ଆକ୍ରମଣ କରିବାର ସମୟ ଆସିଛି । ଏହାପୂର୍ବରୁ ପୋଲାଣ୍ଡ ୟୁକ୍ରେନରୁ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ପ୍ରତ୍ୟାହାର କରି ନେଉ । ନଚେତ ୟୁକ୍ରେନ ଭଳି ଦଶା ଭୋଗିବାକୁ ପଡିବ । ପୋଲାଣ୍ଡ କେବଳ ୟୁକ୍ରେନକୁ ଅସ୍ତ୍ର ଯୋଗାଉ ନାହିଁ ବରଂ ଋଷକୁ ଅନେକ କ୍ଷେତ୍ରରେ ବିରୋଧ ମଧ୍ୟ କରୁଛି, କିଛିଦିନ ତଳେ ପୋଲାଣ୍ଡ ସରକାର ଋଷ କୂଟନୀତିଜ୍ଞମାନଙ୍କୁ ନିଜ ଦେଶରୁ ▶▶ପୃଷ୍ଠା ୭

ଦେଶ ହରାଇଲା ୭ ଯବାନ

ଲଦାଖ, ୨୭/୦୫ (ନି.ପ୍ର): ଏକ ଦୁଖଃଦ ଘଟଣାକ୍ରମରେ ଦେଶ ୭ ଜଣ ଯବାନଙ୍କୁ ହରାଇଛି। ଲଦାଖର ତୁରତୁକ୍ ସେକ୍ଟରରରେ ସ୍ୟୁକ୍ ନଦୀକୁ ସେନାର ଏକ ଗାଡ଼ି ଓଲଟି ପ୍ରାୟ ୭ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଗାଡ଼ିଟି ପ୍ରାୟ ୫୦ରୁ ୬୦ଫୁଟ୍ ତଳକୁ ଖସିପଡ଼ିଛି। ସେଥିରେ ପ୍ରାୟ ୨୬ ଜଣ ସୈନ୍ୟ ଯାତ୍ରା କରୁଥିଲେ। ହନିଫ୍‌ର ସବସେକ୍ଟର କୁହାଯାଉଥିବା ପାର୍ତ୍ତାପୁରର ଏକ ଟ୍ରାଞ୍ଜିଟ୍ କ୍ୟାମ୍ପକୁ ଏମାନେ ଯାତ୍ରା କରୁଥିଲେ। ତେବେ ଘାଟି ଅଞ୍ଚଳ ଯୋଗୁ ବାଟରେ କୌଣସି କାରଣରୁ ଗାଡ଼ିଟି ଓଲଟି ନଦୀକୁ ଖସି ପଡ଼ିଥିଲା ଖବର ପାଇ ଭାରତୀୟ ସେନା ପକ୍ଷରୁ ଉଦ୍ଧାର କରାଯାଇଛି। ସମସ୍ତ ୨୬ ଜଣ ସୈନ୍ୟଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସେନା ହସପିଟାଲରେ ଭର୍ତ୍ତି କରାଯାଇଛି। ଏକ ସର୍ଜିକାଲ ଟିମ୍ ମଧ୍ୟ ଲେହକରୁ ପାର୍ତ୍ତାପୁରକୁ ଯାତ୍ରା କରିଛି। ତେବେ ସେମାନଙ୍କ ମଧ୍ୟରୁ ୭ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି । ଆବଶ୍ୟକ ପଡ଼ିଲେ ଆହତଙ୍କୁ ଅଧିକ ମେଡିକାଲ ସୁବିଧା ପାଇଁ ସ୍ଥାନାନ୍ତର କରିବାକୁ ବାୟୁସେନା ହେଲିକପ୍ଟର ପ୍ରସ୍ତୁତ ଅଛି।

ପୁରୀ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ସୁବ୍ରମଣ୍ୟମ ସ୍ୱାମୀ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ପୁରୀ ଗୋବର୍ଦ୍ଧନ ପୀଠରେ ବରିଷ୍ଠ ବିଜେପି ନେତା ସୁବ୍ରମଣ୍ୟମ ସ୍ୱାମୀ ଶଙ୍କରାଚାର୍ଯ୍ୟଙ୍କୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଉଭୟଙ୍କ ମଧ୍ୟରେ ବିଭିନ୍ନ ବିଷୟ ଆଲୋଚନା ହୋଇଛି । ଏହି ଆଲୋଚନା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ପରିକ୍ରମା ପ୍ରକଳ୍ପ ନେଇ ବିବାଦ ବିଷୟରେ ସେ ଜାଣିଛନ୍ତି । ସେ କହିଛନ୍ତି ଯେ ବର୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିତା ବିଜୁ ପଟ୍ଟନାୟକଙ୍କ ସହ ତାଙ୍କର ଖୁବ ବନ୍ଧୁତା ଥିଲା । ଏହି ପ୍ରକଳ୍ପ ସମ୍ପର୍କରେ ସେ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ମନ୍ଦିର ଗୁଡିକ ଆମର ବିଚାର କେନ୍ଦ୍ର ଥିଲା, ରାଜା ବି ମନ୍ଦିରରେ ବସୁଥିଲେ । ମନ୍ଦିର ରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେ କହିଛନ୍ତି ।

ଟମାଟୋ ଫ୍ଲୁ ଆତଙ୍କିତ ହେବା ଭଳି ରୋଗ ନୁହେଁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ଟମାଟୋ ଫ୍ଲୁ ଆତଙ୍କିତ ହେବା ଭଳି ରୋଗ ନୁହେଁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର । ସାମ୍ବାଦିକ ମାନଙ୍କ ସହ କଥାବାର୍ତା ହେଲେ ସେ କହିଛନ୍ତି ଯେ ୯୯%ରୁ ଅଧିକ ଆକ୍ରାନ୍ତ ଭଲ ହୋଇଯାଆନ୍ତି । ଏହି ରୋଗରେ ମୃତ୍ୟୁ ସଂଖ୍ୟା ବହୁତ କମ୍ । ଏହା ସପ୍ତାହେ ଭିତରେ ଏହି ରୋଗ ଭଲ ହୋଇଯାଏ । ପିଲାଙ୍କୁ ହେଲେ ଆଇସୋଲେସନରେ ରଖି ଲକ୍ଷଣ ଅନୁସାରେ ଔଷଧ ଦେବାକୁ ସେ ଅନୁରୋଧ କରିଛନ୍ତି ।

ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତି ପାଇଁ ସାକ୍ଷାତକାର ଓ ଡକ୍ୟୁମେଣ୍ଟ ଯାଞ୍ଚକୁ ସ୍ଥଗିତ ରଖିଲା ଓପିଏସସି

ନୂଆଦିଲ୍ଲୀ, ୨୭/୦୫ : ବିବାଦ ପରେ ବିଶ୍ୱବିଦ୍ୟାଳୟର ନିଯୁକ୍ତି ପାଇଁ ଚାଲିଥିବା ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି ଓପିଏସସି । ଏ ନେଇ ବିଜ୍ଞପ୍ତି ଜାରି କରିଛନ୍ତି ଓଡ଼ିଶା ପବ୍ଲିକ୍ ସର୍ଭିସ କମିସନ । ପଦାର୍ଥ ବିଜ୍ଞାନ ବିଭାଗର ଆସିଷ୍ଟାଂଟ୍ ପ୍ରଫେସର ପଦବୀ ପାଇଁ ଇଣ୍ଟରଭ୍ୟୁ କରାଯିବାକୁ ୨୦ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଜୁନ ୪ ତାରିଖରୁ ଏହା କରାଯାଇଥାନ୍ତା, ହେଲେ ଏହାକୁ ବାତିଲ କରି ଦେଇଛନ୍ତି ଓପିଏସସି । ସେହିପରି ବାଣିଜ୍ୟ ବିଭାଗର ଆସିଷ୍ଟାଣ୍ଟ୍ ପ୍ରଫେସର ପଦବୀ ପାଇଁ ଡକ୍ୟୁମେଣ୍ଟ ଯାଞ୍ଚ କରିବାକୁ ୨୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଜୁନ ୬ ତାରିଖରୁ ଆରମ୍ଭ ହୋଇଥାନ୍ତା, ତାହା ମଧ୍ୟ ସ୍ଥଗିତ ରଖାଯାଇଛି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଚ୍ଚଶିକ୍ଷା ବିଭାଗ ଏବଂ ଓପିଏସସି ଉଲଂଘନ କରୁଥିବା ଅଭିଯୋଗରେ ରାଜ୍ୟପାଳଙ୍କ ନିକଟରେ ଗୁହାରି କରିଥିଲେ ପୂର୍ବତନ କୁଳପତି ଓ ପ୍ରଧାପକ । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୦କୁ ସୁପ୍ରିମକୋର୍ଟ ତିନି ମାସ ପାଇଁ ରହିତାଦେଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଥିବା ଅଭିଯୋଗ କରି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ବିନାୟକ ରଥଙ୍କ ଅଧ୍ୟକ୍ଷତାରେ ସାତ ଜଣ ପୂର୍ବତନ ପ୍ରଧାପକ, ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏପଟେ ସୁପ୍ରିମକୋର୍ଟଙ୍କ ରହିତାଦେଶ ପରେ ବି ନିଯୁକ୍ତି ▶▶ପୃଷ୍ଠା ୭

୩୦ ସୁଦ୍ଧା କେରଳ ଛୁଇଁବ ମୌସୁମୀ, ଓଡ଼ିଶାରେ କେବେ ?

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ଆଉ ୨/୩ ଦିନ ଡେରିରେ କେରଳ ଛୁଇଁବ ମୌସୁମୀ । ମୌସୁମୀ ଏବେ ଦକ୍ଷିଣ ଆରବ ସାଗର, ଲାକ୍ଷାଦ୍ୱୀପ ଛୁଇଁ ସାରିଛି । ପରିସ୍ଥିତି ଅନୁକୂଳ ରହିଛି, ୨/୩ ଦିନ ଭିତରେ କେରଳ ଛୁଇଁବା ସମ୍ଭାବନା ରହିଛି। ଏପରି କହିଛନ୍ତି ଆଇଏମଡିର ବରିଷ୍ଠ ବୈଜ୍ଞାନିକ ରାଜେନ୍ଦ୍ର ଜେନାମଣି। ତାଙ୍କ କହିବାନୁଯାୟୀ, ମୌସୁମୀ ସମ୍ଭବତଃ ଆସନ୍ତା ୨୯ କିମ୍ବା ୩୦ ସୁଦ୍ଧା କେରଳ ଛୁଇଁବ । ଦକ୍ଷିଣ-ପୂର୍ବ ଆରବ ସାଗର ଓ କେରଳ ଉପକୂଳରେ ବାଦଲ ଘନୀଭୂତ ହୋଇଛି । ରାଜ୍ୟର ଅର୍ଦ୍ଧାଧିକ କ୍ଷେତ୍ରରେ ବର୍ଷା ସମ୍ଭାବନା ରହିଛି। ମୌସୁମୀ କେରଳ ଛୁଇଁବା ପରେ ହିଁ ଏହା କେବେ ଓଡ଼ିଶା ଛୁଇଁବ ତାହାର ସ୍ପଷ୍ଟ ସୂଚନା ମିଳିପାରିବ ବୋଲି କହିଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ରାଜେନ୍ଦ୍ର ଜେନାମଣି। ଏବେ ଦକ୍ଷିଣ-ପୂର୍ବ ଆରବ ସାଗର ଉପରେ ଅଧିକ ବାଦଲ ଘନୀଭୂତ ହେଉଥିବା ବେଳେ ବଙ୍ଗୋପସାଗର ଉପରେ ବାଦଲ ସୃଷ୍ଟି ହେଉନି। ଏଠାରେ ମୌସୁମୀ ଉପକୂଳ ପାଣିପାଗ ସୃଷ୍ଟି ହୋଇନି। ତେଣୁ ଏବେ ମୌସୁମୀ କେରଳ ଛୁଇଁବାକୁ ଅପେକ୍ଷା କରାଯାଇଛି। ତାହା ପରେ ହିଁ ଓଡ଼ିଶା ଉପରେ ଏହାର ପ୍ରଭାବ ସମ୍ପର୍କରେ ଆକଳନ କରିହେବ ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ । ମୌସୁମୀର ଆଗମନକୁ ଓଡ଼ିଶାର ଚାଷୀ କୂଳ ଅପେକ୍ଷା କରି ରହିଥିବା ବେଳେ ଏହାର କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳି ପାରୁ ନ ଥିବାରୁ ସେମାନେ ନିରାଶ ହୋଇ ଯାଇଛନ୍ତି। ମୌସୁମୀଜନିତ ବର୍ଷା ହେଲେ ହିଁ ସେମାନେ ନିଜ ଚାଷ କାର୍ଯ୍ୟ ଆରମ୍ଭ କରିପାରିବେ, ତେଣୁ ଏହାକୁ ବେଶ୍? ବ୍ୟାକୁଳତାର ସହ ଅପେକ୍ଷା କରିଛନ୍ତି ଚାଷୀ ଭାଇ ।

ଅନୁଭବ ଓ ବର୍ଷାଙ୍କୁ ତାଗିଦ୍ କଲେ ହାଇକୋର୍ଟ

କଟକ, ୨୭/୦୫ (ନି.ପ୍ର): ଚୁପ୍ ରୁହ। ସୋଶାଲ ମିଡିଆରେ ଏମିତି ମନ୍ତବ୍ୟ ଦିଅନି। ଆଜି ଅନୁଭବଙ୍କୁ ଏଭଳି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବର୍ଷା-ଅନୁଭବ ପାରିବାରିକ କଳି ହାଇକୋର୍ଟରେ ପହଞ୍ଚିବା ପରେ ପୁଣି ଭିନ୍ନ ମୋଡ଼ ନେଇଛି। କୌଣସି ବି ସ୍ଥାନରେ କେହି କାହା ବିରୋଧରେ ମନ୍ତବ୍ୟ ନ ଦେବାକୁ ହାଇକୋର୍ଟ ଆଉ ଏକ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ଅନୁଭବଙ୍କୁ ଏକ ବଡ଼ ଝଟକା ଲାଗିଛି। ଜୁଲାଇ ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ସୋଶାଲ ମିଡିଆରେ ବାରମ୍ବାର ଅରୁଚିକର ମନ୍ତବ୍ୟ ଅନୁଭବ ଦେଉଥିବା ନେଇ ଭିଡିଓ କରୁଥିବା ନେଇ ହାଇକୋର୍ଟ ଯାଇଥିଲେ ବର୍ଷା। ସୂଚନା ଥାଉକି, ବର୍ଷାଙ୍କ ବିରୋଧରେ ଲଗାଦାର ଗୋଟିଏ ପରେ ଗୋଟିଏ ୩ଟି ଭିଡ଼ିଓ ଅନୁଭବ ସୋଶାଲ ମିଡ଼ିଆ ଛାଡ଼ିଥିଲେ। ଏହାକୁ ନେଇ ବର୍ଷା ସାଇବର ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ତେଣେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ନାମରେ ଥିବା ଫ୍ୟାନ୍ କ୍ଲବ ଆକାଉଣ୍ଟରେ ଏହି ଘଟଣାର ବାଦ ପ୍ରତିବାଦ, ଆରୋପ ପ୍ରତ୍ୟାରୋପ ଦେଖାଦେଇଥିଲା। ▶▶ପୃଷ୍ଠା ୭

ଆଇଜର, ପୁଣେ ଠାରେ ବିଭିନ୍ନ ସୁବିଧାର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ପୁଣେ, ୨୭/୦୫ (ନି.ପ୍ର): ଦୁଇଦିନିଆ ପୁଣେ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପୁଣେ ସ୍ଥିତ ଭାରତୀୟ ବିଜ୍ଞାନ ଏବଂ ଗବେଷଣା ସଂସ୍ଥା(ଆଇଜର)ର 'ଡିପାର୍ଟମେଂଟ୍ ଅଫ୍ ଡାଟା ସାଇନ୍ସ'ର ଶିଳାନ୍ୟାସ କରିବା ସହ 'ନ୍ୟାସନାଲ ଫ୍ୟାସିଲିଟି ଫର୍ ଜିନ୍ ଫାଉଣ୍ଡେସନ ଇନ୍ ହେଲଥ ଏଣ୍ଡ୍ ଡିଜିଜ୍'ର ଉଦଘାଟନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଲୋକାର୍ପିତ ଏହି ଅତ୍ୟାଧୁନିକ ସୁବିଧା ଗବେଷଣା ସହ ନବସୃଜନକୁ ବ୍ୟାପକ କରିବ । ଜୈବିକ ଗବେଷଣା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରିବା ସହ ପାଥୋଜେନକୁ ବୁଝିବାରେ ସହାୟକ ହେବ। ପ୍ରଯୁକ୍ତିବିଦ୍ୟା ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣୁଥିବା ବେଳେ ଏହି ପଦକ୍ଷେପ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିବ। ଆଇଜର ପୁଣେରେ ଶିଳାନ୍ୟାସ ହୋଇଥିବା ଡ଼ାଟା ସାଇନ୍ସ ବିଜ୍ଞାନ ପ୍ରତିଷ୍ଠା ହେବା ଦ୍ୱାରା କ୍ୟାମ୍ପସ ପରିସରରେ ଥିବା ପରମ ବ୍ରହ୍ମ ସୁପର କମ୍ପ୍ୟୁଟରର ବ୍ୟବହାରକୁ ବ୍ୟାପକ କରିବ। ଏହି ବିଭାଗ ଭାରତର ଭବିଷ୍ୟତ ପ୍ରସ୍ତୁତିକୁ ସୁନିଶ୍ଚିତ କରିବ। ବିଶେଷ ଭାବରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଏବଂ ମେଡିକାଲ ଶିକ୍ଷା ପାଇଁ ସହାୟକ ହେବ। 'ନ୍ୟାସନାଲ ଫାସିଲିଟି ଫର୍ ଜିନ୍ ଫାଉଣ୍ଡେସନ ଇନ୍ ହେଲଥ୍ ଏଣ୍ଡ ଡିଜିଜ୍' ରୋଗ ବିଷୟରେ ଗବେଷଣା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ସ୍ୱାସ୍ଥ୍ୟ ଏବଂ ଔଷଧ ପାଇଁ ନୂତନ ଜ୍ଞାନ ପ୍ରଦାନ କରିବ। ଏହି ନୂତନ ସୁବି

ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ପ୍ରତିଯୋଗିତା

ମାଲକାନଗିରି,୨୭/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଏନ .ଏସ .ଏସ, ମାଲକାନଗିରି ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଗାମୀ ୩୧.୫.୨୨ ରିଖ ରେ ପାଳିତ ହେବାକୁ ଥିବା ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ମାଲକାନଗିରି ମହାବିଦ୍ୟାଳୟ ପରିସର ମଧ୍ୟରେ ଜିଲ୍ଲା ସ୍ତରୀୟ ଡ଼ିବେଟ, ସ୍ଲୋଗାନ ଓ ଚିତ୍ରକଳା ପ୍ରତିଯୋଗିତା ତମାଖୁ ସେବନ ପରିବେଶ ପ୍ରତି ବିପଦ ପ୍ରସଙ୍ଗ ଉପରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାବିଦ୍ୟାଳୟର ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ ସମସ୍ତ ପ୍ରତିଯୋଗୀ ଓ ମଂଚାସୀନ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ତମାଖୁ ସେବନର ଭୟାବହତା ଉପରେ ସମସ୍ତଙ୍କୁ ସଚେତନ କରିବା ସହ ଯୁବ ଗୋଷ୍ଠି ମାଧ୍ୟମରେ ସମାଜରୁ କିପରି ତମାଖୁ ସେବନ ନିଷିଦ୍ଧ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମସ୍ତ ପ୍ରତିଯୋଗିତାର ବିଚାରକ ମଣ୍ଡଳୀ ଭାବେ ମାଲକାନଗିରି ନେହେରୁ ଯୁବକେନ୍ଦ୍ରର ସଂଯୋଜକ ହରୀସ ରୂପାଲ, ଜିଲ୍ଲା ମହାମାରୀ ବିଶେଷଜ୍ଞ ଦୁର୍ଗାପ୍ରସାଦ ରାଜ, ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମହାରଣା ଯୋଗଦାନ କରିଥିବା ବେଳେ ମହାବିଦ୍ୟାଳୟର ଏନ .ଏସ .ଏସର ଡି. ପି .ଓ ନମିତା ଦଣ୍ଡସେନା, ପ୍ରୋଗ୍ରାମ ଅଫିସର ପ୍ରମିୟ କୁମାର ମହାନ୍ତି, ଏନ .ସି.ସି ଅଫିସର ସୁଶାନ୍ତ କୁମାର ମାଝୀ, ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡଃ. ଚକ୍ରପାଣି ସାହୁ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଣ ସଂକ୍ରମକ ରୋଗ ପରିଚାଳକ ଶିବସୁନ୍ଦର ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ଆଗାମୀ ୩୧.୫.୨୨ ରିଖରେ ଜିଲ୍ଲା ପ୍ରଶାସନ ତରଫରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ ବୋଲି ନାମ ଘୋଷଣା କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଭାକାନ୍ତି ଗରଡ଼ା ପ୍ରଥମ ଓ ପୁଷ୍ପା ମୁର୍ମୁ ଦ୍ୱିତୀୟ, ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ବାବୁଲା ପାଙ୍ଗୀ ତୃତୀୟ ସ୍ଥାନ, ଚିତ୍ରକଳା ପ୍ରତିଯୋଗିତାରେ ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ରାଜେଶ ବାଇନ ପ୍ରଥମ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ନେହା ସାହୁ ଦ୍ୱିତୀୟ, ମାଲକାନଗିରି ମହାବିଦ୍ୟାଳୟର ଇଶ୍ୱର ସୋଡି ଓ ଡାରଉଇନ ମେମୋରିଆଲ କଲେଜ, କୁଡୁମୁଲୁଗୁମ୍ମାର ଦୀନବନ୍ଧୁ ଗୋଲରୀ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଡ଼ିବେଟ ପ୍ରତିଯୋଗିତାରେ ମାଲକାନଗିରି ମହାବିଦ୍ୟାଳୟର କାବ୍ୟା ମୁର୍ମୁ ପ୍ରଥମ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜ୍ୟୋତି ସୋରେନ ଦ୍ୱିତୀୟ ଓ ସ୍ନେହୀତା ବୈଦ୍ୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ଦୁର୍ଘଟଣା ଗସ୍ତ ପ୍ରତି ମାନବିକତା ଦେଖାଇ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କଲେ ଟିଟିଲାଗଡ଼ ଉପଜିଲ୍ଲାପାଳ

ବଲାଙ୍ଗିର ,୨୭/୦୫ (ନି.ପ୍ର): କୌଣସି ଦୁର୍ଘଟଣା ଘଟିଲେ ଲୋକମାନେ ପୋଲିସର ଭୟରେ, ଅଯଥାରେ ସାକ୍ଷୀ ହେବା ଭୟ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବାର ଇଚ୍ଛାଥିଲେ ମଧ୍ୟ ଲୋକେ କୁଣ୍ଠାବୋଧ କରୁଛନ୍ତି । ଏଥିପାଇଁ ଟିଟିଲାଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ଜନସଚେତନା ସଭା ଆୟୋଜିତ ହୋଇଥିଲା ।ସଭାରେ ଦୁର୍ଘଟଣାରେ ଗୁରୁତର ଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରି ଯୁଦ୍ଧକାଳୀନ ଭିତ୍ତିରେ ନିକଟସ୍ଥ ଡାକ୍ତରଖାନାକୁ ପହଂଚାଇଥିବା ବ୍ୟକ୍ତିମାନଙ୍କୁ ସ୍ଥାନୀୟ ଉପଜିଲ୍ଲାପାଳ ମନୋଜ ମହାଜନ ସମ୍ମାନିତ କରିଛନ୍ତି । ଏହି ଅବସରରେ ଗତ ୨ ଦିନ ତଳେ ମୁରିବାହାଲ ତହସିଲଦାର ସୋନାଲି ପାତ୍ର ଏବଂ ତହସିଲ ଅଫିସର ବରିଷ୍ଠ କିରାଣୀ ହେମଲେଟ ବାର୍ଲା ଟିଟିଲାଗଡ଼ ଆସୁଥିବା ସମୟରେ ଘଂଟବାହାଲି ଗ୍ରାମ ନିକଟସ୍ଥ ବିଟାବନ୍ଦ ପାଖରେ ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ ନିଜ ଗାଡିରେ ଆଣି ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେହିପରି ଟିଟିଲାଗଡ଼ ଉପଜିଲ୍ଲାପାଳ ମନୋଜ ସତ୍ୟଜ୍ଞାନ ମହାଜନ ବଲାଙ୍ଗିରରୁ ସନ୍ଧ୍ୟାରେ ଫେରୁଥିବା ସମୟରେ ସଇଁତଲା ଥାନା କେରମେଲି ଗାଁ ଛକ ନିକଟରେ ଜଣେ ବାଇକ ଆରୋହୀ ଦୁର୍ଘଟଣାର ଶିକାର ହୋଇ ରାସ୍ତାରେ ପଡିଥିବା ବେଳେ ତାଙ୍କୁ କେରମେଲି ଗାଁର ରାଜ କୁମାର ଛତ୍ରିଆ । ଉପଜିଲ୍ଲାପାଳଙ୍କ ପିଏସ୍ ?ଓ ଆଶିଷ କୁମାର ଗୌଡ଼ ସହାୟତା କରି ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଂଚାଇଥିଲେ । ଏହି ବ୍ୟକ୍ତିମାନେ ମାନବିକତାର ପରିଚୟ ଦେଇଥିବାରୁ ଟିଟିଲାଗଡ଼ ଉପଜିଲ୍ଲାପାଳ ଶ୍ରୀ ମହାଜନ ଉଭୟଙ୍କୁ ପ୍ରଶଂସା କରିବା ସହ ଉପଢ଼ୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଟିଟିଲାଗଡ଼ ପ୍ରଶାସନର ଏପରି ଜନସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଟିଟିଲାଗଡ଼ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଲଳିତ ବାଗ ପରିଚାଳନା କରିଥିଲେ ।

ପିଆଜ କିଲୋ ୫ ଟଙ୍କା : ଅଭାବୀ ବିକ୍ରୀର ଶିକାର ଚାଷୀ

ବଲାଙ୍ଗିର,୨୭/୦୫ (ନି.ପ୍ର): କଠିନ ପରିଶ୍ରମ କରୁଛନ୍ତି ଚାଷୀ, କିନ୍ତୁ ଫଳ ମିଳୁନି । କେତେବେଳେ ପ୍ରକୃତିର ଦାଉ ତ ଆଉ କେବେ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ପିଆଜ ଚାଷୀ। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ପ୍ରାୟ ପାଂଚ ଶହ ଏକର ଜମିରେ ପିଆଜ ଚାଷ ହେଉଛି, କିନ୍ତୁ ଠିକ ସମୟରେ ସରକାରୀ ଯୋଜନାରେ ଚାଷୀଙ୍କୁ ମିଳୁନି ବିହନ କି ସାର। ଏପରିକି ଅଂଚଳରେ ପିଆଜ ଘର ନଥିବାରୁ ଅଭାବୀ ବିକ୍ରିର ଶିକାର ହୋଇ କମ ଦରରେ ବିକ୍ରି କରୁଛି ପିଆଜ ଚାଷୀ। ପିଆଜ ଘର ପାଇଁ ବାରମ୍ବାର ଦାବି ହେଉଥିଲେ ବି ଫଳ ଶୂନ।

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ପିଆଜ ଚାଷ ହୋଇଥାଏ। ତୁରେକେଲା, ଅଲଣ୍ଡା, ଯାମଖୁଂଟା, ଝଲପ, ପୁଡାପାଲି, ଭୁଷଲାଡ଼, କପିଲାଭଟା ଓ ଆଖ ପାଖ ଗାଁର ୨୦୦ ଏକର ଚାଷ ଜମିରେ ପିଆଜ ଚାଷ ହୋଇଥାଏ। ମୂଖ୍ୟତଃ ଚାଷ କାର୍ଯ୍ୟ ହିଁ ଏହି ଅଂଚଳର ଲୋକଙ୍କ ମୁଖ୍ୟ ବେଉସା। ପ୍ରାୟ ଛଅ ମାସର ପରିଶ୍ରମ କରି ଏପ୍ରିଲ ମାସରେ ପିଆଜ ଚାଷ ଅମଳ ହୁଏ। ହେଲେ ଏତେ ପରିଶ୍ରମର ଲାଭ କିଛି ନାହିଁ । କାରଣ ପିଆଜ କିଲୋ ଏବେ ପାଂଚ ଟଙ୍କା। ପିଆଜ ରଖିବା ପାଇଁ ଚାଷୀଙ୍କ ଘରେ ଜାଗା ନାହିଁ। ଯାହା ଫଳରେ ବାଧ ହୋଇ ସେମାନେ କିଲୋ ପିଛା ପାଂଚରୁ ଦଶ ଟଙ୍କା ଭିତରେ ବିକ୍ରି କରିଦେଉଛନ୍ତି। ଚାଷୀଙ୍କ ଅଭିଯୋଗ ସରକାରଙ୍କ ତରଫରୁ ଠିକ ସମୟରେ ଓ ସରକାରୀ ମୂଲ୍ୟରେ ବିହନ, ସାର ମିଳୁନାହିଁ। ପୂରା ପରିବାରର ଛଅ ମାସ ଧରି ପରିଶ୍ରମ କରି ଚାଷ କରୁଥିଲେ ବି ଲାଭ ମିଳୁନି। ଏପରିକି ପିଆଜ ଘର ପାଇଁ ଦୀର୍ଘ ବର୍ଷରୁ ଚାଷୀ ଦାବି କରୁଥିଲେ ବି ଫଳ ଶୁନ। ସେପଟେ ଆଗାମୀ ଦିନରେ ଅଂଚଳରେ ପିଆଜ ଘର ଦାବି କରିଛନ୍ତି ଚାଷୀ। ନଚେତ ଚାଷୀଙ୍କ ଦାବି ପୂରଣ ନହେଲେ ଚାଷ କାମ ଛାଡି ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ଚେତାବନୀ ଦେଇଛନ୍ତି ପିଆଜ ଚାଷୀ।

ସେପଟେ ଏହି ବିଷୟରେ ବଙ୍ଗୋମୁଣ୍ଡା ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ପିଆଜ ଘର ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ।

ମହାନଦୀ ବିବାଦର ସମାଧାନ ପାଇଁ ମହାନଦୀ ବିବାଦର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ କଲେ ନରସିଂହ

ବଲାଙ୍ଗିର,୨୭/୦୫ (ନି.ପ୍ର): ଓଡିଶାରେ ଜୀବନ ରେଖା କୁହାଯାଉଥିବା ମହାନଦୀ ଦିନକୁ ଦିନ ଶୁଖି ଯାଉଥିବା ଦେଖାଯାଉଛି । କିନ୍ତୁ ଦୁଃଖର ବିଷୟ ଯେ, ଓଡିଶା ସରକାର ଏହି ସମସ୍ୟାର ସମାଧାନ ପ୍ରତି କୌଣସି ଆନ୍ତରିକତା ଦେଖାଉ ନାହାନ୍ତି । ଏବେ ଦେଖା ଯାଉଛି ଯେ, ଛତିଶଗଡର ଗତ ବିଜେପି ସରକାର ରାଜ୍ୟରେ ଅନେକ ବ୍ୟାରେଜ ନିର୍ମାଣ କରି ସେଠାରେ ସମ୍ପୁର୍ଣ୍ଣ ଭାବେ ବାନ୍ଧି ଦେଇଛି । ଏହି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଏହାର ରାଜନୈତିକକରଣ କରି ବିଜେପିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟମାନଙ୍କୁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଆକ୍ଷେପ କରୁଛନ୍ତି । କିନ୍ତୁ ଯେତେବେଳେ ମହାନଦୀ ଜଳ ବିବାଦକୁ ନେଇ ବାଚସ୍ପତିଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଆଲୋଚନା ପାଇଁ ସମୟ ଅନୁରୋଧ କରାଯାଇଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ଓଡିଶାବାସୀଙ୍କ ଏହି ସମସ୍ୟାକୁ ସମ୍ପୁର୍ଣ୍ଣ ଭାବରେ ଅଗ୍ରାହ୍ୟ କରିଥିଲେ । ଏଥିରୁ ଲୋକେ ବୁଝି ଯିବା ଦରକାର ଯେ କୁମ୍ଭୀର କାନ୍ଦଣା ଙ୍କଗ୍ରେସ କରୁଛି ନା ବିଜେପି ଏହି ସମସ୍ୟାକୁ ନେଇ କେବଳ ନିର୍ବାଚନୀ ରାଜନୀତି କରୁଛି । ପ୍ରକୃତରେ ମହାନଦୀ ସମସ୍ୟାକୁ ନେଇ କେବଳ ବିଜେପି ନୁହେଁ ତା ସହ ବିଜେଡି ମଧ୍ୟ ହାତ ମିଳାଇ ହୀନ ରାଜନୀତି କରୁଛି । ଆହୁରି ଓଡିଶାରେ ମହାନଦୀକୁ ଶୁଖେଇ ଦେବା ପାଇଁ ଷଡଯନ୍ତ୍ର କରୁଛି ବୋଲି ସ୍ଥାନୀୟ ସାର୍କିଟ ହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ସାମ୍ବାଦିକମାନଙ୍କୁ କହିଛନ୍ତି । ସେ ନିଜ ପ୍ରତିକ୍ରୀୟାରେ ଆହୁରି କହିଛନ୍ତି ଯେ, ମହାନଦୀ ଜଳ ସମସ୍ୟାକୁ ନେଇ ଙ୍କଗ୍ରେସ ଦଳ ପ୍ରଥମେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସମାଧାନ ପାଇଁ ବାରମ୍ବାର ଚିଠି ଦେବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ଯୋଗୁଁ ବିରୋଧି ଦଳ ନେତା ଭାବେ ମୁଁ ଏହି ସମସ୍ୟାର ସମାଧାନ ପାଇଁ ଏକ ସର୍ବଦଳିୟ ବୈଠକର ଆହ୍ୱାନ ଦେଇଥିଲି । ଉକ୍ତ ବୈଠକରେ ବିଜେଡି, ବିଜେପି ସହ ଗୋଟି ରାଜଣୈତିକ ଦଳ, ବିଶେଷଜ୍ଞ , ବୁଦ୍ଧିଜୀବ ଓ ଏନଜିଓ ମାନେ ମଧ୍ୟ ଭାଗ ନେଇ ଏକତାର ସହ ଏହି ବିବାଦର ସମାଧାନ ପାଇଁ କାମ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ପରବର୍ତ୍ତି ସମୟରେ ଏହାକୁ ନେଇ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀ ଙ୍କ ନେତୃତ୍ୱରେ ଦୁଇ ଦୁଇଟି କମିଟି ଗଠନ କରଯାଇଥିଲା । କିନ୍ତୁ ଦିନ ପରେ ଦିନ ଗଡିବା ପରେ ମଧ୍ୟ କୌଣସି ବୈଠକ ଡକା ଗଲା ନାହିଁ । ଓଡିଶାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଧ୍ୟ ହୋଇ ଙ୍କଗ୍ରେସର ଏକ ପ୍ରତିନିଧି ଦଳ ଛତିଶଗଡ ଯାଇ ପହଞ୍ଚିଥିଲା । କିନ୍ତୁ , ତତକାଳିନ ଛତିଶଗଡ ସରକାର ଶିଳ୍ପପତିଙ୍କ ଖର୍ଚ୍ଚରେ କେବଳ ଶିଳ୍ପପତିଙ୍କ ଉଦ୍ଦେଶ୍ୟରେ କେଲୋ ନଦୀ ଉପରେ ୭ଟି ବ୍ୟାରେଜ ନିର୍ମାଣ କରି ଜଳରାଶିକୁ ବାନ୍ଧି ଦେଇଥିବା ଦେଖିବାକୁ ପାଇଥିଲା । ସେହି ଶିଳ୍ପପତିମାନଙ୍କ ବହୁ କୋଟି ଟଙ୍କାର ବ୍ୟବସାୟ ତଥା ସଂପର୍କ ଓଡିଶା ସରକାରଙ୍କ ସହ ଥିବା ଯୋଗୁଁ ଓଡିଶା ସରକାର ସେହି ପୁଞ୍ଜିପତି ଶିଳ୍ପପତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଓଡିଆଙ୍କ ଜୀବନ ରେଖା ମହାନଦୀ ଯାହାର ପାଣି କୁ ନେଇ କୋଟି କୋଟି ଓଡିଶାବାସୀ ପେଟ ପାଟଣା କରନ୍ତି ତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିଲେ ।

+ଗଞ୍ଜେଇ ଚାଲାଣ ବେଳେ ଚଢଉ: ୨ ଗିରଫ

+ଜୟପୁର,୨୭/୦୫ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢଉ କରି ୨ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି । ଗିରଫ ହୁଇ ଅଭିଯୁକ୍ତ ହେଲେ ଅମର ନାଥ (୩୦) ଓ ଅଭିନାଶ ଖାଟିକ (୩୫) । ପୋଲିସର ସୂଚନା ଅନୁଯାୟୀ, କୋଲାବ ସାଇଡରୁ ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ପାଇ ଚଢଉ କରିଥିଲେ । ସଦର ପୋଲିସର ସ୍ୱତନ୍ତ୍ର ଟିମ ଜାତୀୟ ରାଜପଥ ନମ୍ବର ୨୬ର ଜୟପୁର ଘାଟିରେ ମହେନ୍ଦ୍ରା କାର ସିଜି-୨୯ ଏ ୫୦୦୮ ଉପରେ ଚଢଉ କରିଥିଲେ । ଚଢଉ କରି ୨ଜଣଙ୍କୁ ଗିରଫ କରିଥିଲେ । ଗିରଫ ୨ଜଣ ଛତିଶଗଡର କୋରିଆ ଜିଲାର। ଚଢଉ କରି ୧୯୮ କେଜି ଗଞ୍ଜେଇ, ୨୮୫୦ ଟଙ୍କା, କାର, ୩ଟି ମୋବାଇଲକୁ ଜବତ କରିଛି । ଏହି ଗଞ୍ଜେଇ ଛତିଶଗଡ ଚାଲାଣ ହେଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

ବହୁଜନ ସମାଜ ପାର୍ଟିର କର୍ମୀ ସମ୍ମିଳନୀ

ଜୟପୁର,୨୭/୦୫ (ନି.ପ୍ର): ଜୟପୁର ଟାଉନ ହଲ ଠାରେ ବି.ଏସ.ପି ତରଫରୁ କୋରାପୁଟ ଜିଲ୍ଲା ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲା ସ୍ତରୀୟ କର୍ମୀ ସମ୍ମିଳନୀରେ ମୂଖ୍ୟ ଅତିଥି ଭାବେ ବି. ଏସ୍. ପି. ଓଡ଼ିଶା ମୁଖ୍ୟ ପ୍ରଭାରୀ ଧର୍ମବୀର ସିଂ ଅଶୋକ ଯୋଗ ଦେଇଛନ୍ତି । ଏହା ସହିତ ରାଜ୍ୟ ସଭାପତି ଟଙ୍କଧର ବାଘ, ରାଜ୍ୟ ସାଧାରଣ ସମ୍ପାଦକ ମଧୁସୂଦନ ଯାଦବ ଏବଂ ଓଡ଼ିଶା ପ୍ରଦେଶର ବରିଷ୍ଠ ନେତା ସରୋଜ କୁମାର ନାୟକ ଯୋଗଦେଇଛନ୍ତି।୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଆଗୁଆ କର୍ମୀ ଯୋଗାଡ ସହିତ ଆଗାମୀ ସାଧାରଣ ନିର୍ବାଚନରେ ବହୁଜନ ସମାଜ ପାର୍ଟି କିପରି ରାଜ୍ୟରେ ଏବଂ ଜିଲ୍ଲାରେ ଭଲ ପ୍ରଦର୍ଶନ କରିବ ତାହାକୁ ନେଇ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀଙ୍କ ସହ ବରିଷ୍ଠ ବି.ଏସ୍.ପି. ନେତା ମାନେ ମଧ୍ୟ ଉପସ୍ଥିତ ଥିଲେ। ଆଜି ଆଦିବାସୀ ମାନଙ୍କର ଜମିକୁ ହଡ଼ପ କରାଯାଉଛି, ଆଦିବାସୀ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି, ଆଦିବାସୀ ମାନଙ୍କୁ ଅଣଦେଖା କରାଯାଉଛି। ତେଣୁ ଏକାଠି ହୋଇ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଲଢେଇ କରିବାକୁ ପଡ଼ିବ ବୋଲି ବରିଷ୍ଠ ନେତା ମାନେ ଏହି କାର୍ଯ୍ୟକ୍ରମରେ କହିଛନ୍ତି। ଯେପରି ଆଦିବାସୀ ମାନେ ନ୍ୟାୟ ପାଇପାରିବେ ସେଥିପାଇଁ ଆମେ ସମସ୍ତେ ସଂକଳ୍ପ ନେଇ ଆଗାମୀ ନିର୍ବାଚନରେ ବହୁଜନ ସମାଜ ପାର୍ଟିକୁ ବିଜୟୀ କରାଇବାକୁ ପଡିବ ବୋଲି ଦଳ ପକ୍ଷରୁ ନିଷ୍ପତି ନିଆଯାଇଛି।

ଅବହେଳିତ ଅବସ୍ଥାରେ ମହେଶ୍ୱରଙ୍କ ପରିବାର

ବାସୁଦେବପୁର,୨୭/୦୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନକୃଷ୍ଣପୁର ପଂଚାୟତ ରେ ଜନ୍ମଗ୍ରହଣ କରିଥିବା ମହେଶ୍ୱର ଜେନା ଙ୍କ ପରିବାର ବର୍ତ୍ତମାନ ଖୁବ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛି । ୨୦୦୭ ମସିହାରେ ଚାନ୍ଦିମାଳ ଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ମହେଶ୍ୱର ମେନ ଗେଟ କିପର ଭାବରେ କମ୍ପାନୀ ଦ୍ୱାରା ଚାକିରୀ କରିଥିଲେ ଓ ଦରମା ପାଉଥିଲେ । ବର୍ତ୍ତମାନ ମହେଶ୍ୱରଙ୍କୁ ଦରମା ମିଳୁନାହିଁ । ନବୋଦୟ ବିଦ୍ୟାଳୟ ର ବର୍ତ୍ତମାନ ର ଅଧକ୍ଷ ମହେଶ୍ୱର ଙ୍କ ଚାକିରୀ ଓ ସମସ୍ୟା କଥା ବୁଝୁନାହାନ୍ତି । ତାଙ୍କ ପରିବାର ଅନେକ ସମସ୍ୟା ଭିତରେ ଚାଲିଛି । ଏହି ଘଟଣା ସମ୍ପର୍କରେ ଶ୍ରୀ ଜେନା ଭଦ୍ରକ ଜିଲ୍ଲାପାଳ ଙ୍କୁ ଦେଖା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ମହେଶ୍ୱର ଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମଧ୍ୟ ଦୁଃଖ ରେ ଭାଙ୍ଗି ପଡିଛନ୍ତି । ମହେଶ୍ୱର ଆର୍ଥିକ ଅଭାବ ରୁ ଝିଅ ର ବାହାଘର କରିପାରୁନାହାନ୍ତି । ମହେଶ୍ୱର ଙ୍କ ପରିବାର ପ୍ରତି ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ସେ ଆନ୍ଦୋଳନ ଓ ଅନଶନ କରିବେ ବୋଲି ପ୍ରକାଶ କରିଛନ୍ତି । ଏଥି ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ମହେଶ୍ୱର ଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି ।

ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା,୨୭/୦୫ (ନି.ପ୍ର): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ଟାଉନହଲ ଠାରେ ଅତିଥି ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିରଟି ଉଦଘାଟିତ ହୋଇଥିଲା। କେୟାର ହସ୍ପିଟାଲ, ଭୁବନେଶ୍ୱର ସହଯୋଗରେ ଅନୁଷ୍ଠିତ ଶିବିରରେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ହୃଦରୋଗ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ଯୋଗଦାନ କରି ଶତାଧିକ ରୋଗୀଙ୍କର ହୃଦରୋଗ ପରୀକ୍ଷା କରିଥିଲେ। ସରକାରୀ ଓକିଲ ସଂଜୟ କୁମାର ଜେନାଙ୍କ ସଂଯୋଜନାରେ ଏହି ଉତ୍ସବରେ ମାନ୍ୟବର ବିଧାୟକ ଶଶିଭୂଷଣ ବେହେରା, ମା ଦିବ୍ୟସ୍ୱରୂପାନନ

ଏବେ ବଜାରରେ ବିଭିନ୍ନ ରକମର ଆମ୍ବ

ଅତ୍ୟଧିକ ଆମ୍ବ ଖାଇବାରୁ ହୋଇପାରେ ଏହି ସବୁ ସମସ୍ୟା

ଗ୍ରୀଷ୍ମ କାଳରେ ଆମ୍ବ ଖାଇବାର ମଜା ହିଁ କିଛି ଅଲଗା । ଆମ୍ବ ଜୁସ୍‌ରୁ ନେଇ ପାଚିଲା ଆମ୍ବ ପର୍ଯ୍ୟନ୍ତ ସବୁର ସ୍ୱାଦ ନିଆରା । ଏଥିରେ ଏ, ବି, ସି, ଇ, କେ ପରି ଭିଟାମିନ୍ ସବୁ ରହିଛି । କେବଳ ସେତିକି ନୁହେଁ, ଏଥିରେ କପର, ପଟାସିୟମ ଏବଂ ମ୍ୟାଗ୍‌ନେସିୟମ ଆଦି ମିନେରାଲ୍ସ ରହିଛି । ମାତ୍ର ସବୁ ଜିନିଷ ପରି ଆମ୍ବ ଖାଇବାରେ ବି କିଛି ସୀମା ରହିବା ଦରକାର । ମାତ୍ରାଧିକ ଆମ୍ବ ଖାଇଲେ ବିଭିନ୍ନ ପ୍ରକାରର ସମସ୍ୟା ଉପୁଜିପାରେ । ତେବେ ଚାଲନ୍ତୁ ଜାଣିବା ମାତ୍ରାଧିକ ଆମ୍ବ ଖାଇଲେ କେଉଁ କେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ।

କିଛି ଲୋକଙ୍କର ଆମ୍ବକୁ ନେଇ ଏଲାର୍ଜି ରହିଥାଏ । ଯାହାର ଆମ୍ବରେ ଏଲାର୍ଜି ରହିଥାଏ ସେମାନେ ଆମ୍ବ ଖାଇବା ଦ୍ୱାରା ତ୍ୱଚା କୁଣ୍ଡାଇ ହେବାକୁ ନେଇ ତଣ୍ଟି କୁଣ୍ଡାଇ ଦେବା ଆଦି ଘଟିଥାଏ । ସେମାନେ ସୀମାରେ ଆମ୍ବ ଖାଇବା ଭଲ ।

ମଧୁମେହ ରୋଗୀଙ୍କ ପାଇଁ ଆମ୍ବ କ୍ଷତିକାରଣ ସାବ୍ୟସ୍ତ ହୋଇପାରେ । ଆମ୍ବ ଖାଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣ ବୃଦ୍ଧି ପାଇଥାଏ । ମଧୁମେହ ରୋଗୀମାନେ ସୀମାରେ ଆମ୍ବ ଖାଇବା ଉଚିତ ।

ଜାଣନ୍ତୁ ଆଖିର ଯତ୍ନ ସମ୍ପର୍କରେ

ଆଖି ଆମ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଆଖି ଦ୍ୱାରା ଆମେ ଏଇ ସୁନ୍ଦର ସଂସାର ଦେଖି ପାରୁଛେ କିନ୍ତୁ ବୟସ ବୃଦ୍ଧି ସହିତ ଆଜିର ଲାଇଫଷ୍ଟାଇଲ ଓ ପ୍ରଦୂଷଣ ଯୋଗୁଁ ଖୁବ କମ ବୟସରେ ଲୋକଙ୍କ ଦୃଷ୍ଟି ଶକ୍ତି ହ୍ରାସ ପାଇବାରେ ଲାଗିଛି । ଫଳରେ ଆମକୁ ଚଷମାର ସାହାଯ୍ୟ ନେବାକୁ ପଡୁଛି । ଘରୋଇ ଉପାୟରେ କିପରି ଆଖିର ଯତ୍ନ ନିଆଯାଇପାରିବ ଆସନ୍ତୁ ଜାଣିବା । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଆଖିରେ ସୋରିଷ ତେଲ କିମ୍ବା ଦେଶୀ ଘିଅ ଲଗାନ୍ତୁ । ନିୟମିତ ଅନୁଲୋମ-ବିଲୋମ, ପ୍ରାଣାୟମ କରନ୍ତୁ ଏବଂ ସକାଳେ ଖୋଲା ପାଦରେ ଘାସରେ ଚାଲନ୍ତୁ । ଅଁଳା ପାଣିରେ ଆଖିକୁ ଧୁଅନ୍ତୁ । ଏହା ସହିତ ରାତିରେ ଦୁଇ ଟୋପା ଗୋଲାପ ଜଳ ଆଖିରେ ପକାନ୍ତୁ । ଆଖିରୁ ପାଣି ଝରିବା, ଧରିବା ଓ ଦୁର୍ବଳତା ଦେଖାଦେଲେ ରାତିରେ ୮ଟି ବାଦାମ ଭିଜାଇ ସକାଳେ ତାକୁ ବାଟି ପିଇବା ଦ୍ୱାରା ଏପରି ରୋଗରୁ ଉପଶମ ମିଳିଥାଏ । ଆଖି ପାଇଁ କଦଳୀ ଓ ଆଖୁ ଲାଭକାରୀ ଖାଦ୍ୟ । ଏକ ଗ୍ଲାସ୍ ଲେମ୍ବୁ ପାଣି ପିଇବା ଦ୍ୱାରା ଆଖି ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ ।



ବ୍ୟସ୍ତ ମହିଳାଙ୍କ ପାଇଁ ବ୍ୟାୟାମ

ଆଜିକାଲି ମହିଳାମାନଙ୍କ ଜୀବନ ଖୁବ୍ ବ୍ୟସ୍ତବହୁଳ ହୋଇପିଡ଼ିଛି । ନିଜ ପାଇଁ ସମୟ ନାହିଁ କହିଲେ ଚଳେ । କିନ୍ତୁ ଏଥିପାଇଁ ସ୍ୱାସ୍ଥ୍ୟକୁ ଅବହେଳା କଲେ ଚଳିବ ନାହିଁ । ସୁସ୍ଥ ନରହିଲେ କୌଣସି କାମ ସଠିକ ଭାବେ କରିପାରିବେ ନାହିଁ । ବ୍ୟସ୍ତ ଜୀବନରେ ସୁସ୍ଥ ରହିବା ପାଇଁ କିଛି ବ୍ୟାୟାମ ପରାମର୍ଶ ।

କିଛି ବିଶେଷ ଟିପ୍ସ:

- ଲିଫ୍ଟ ବା ଏକ୍ସାଲେଟର ବଦଳରେ ଶିଡ଼ି ବ୍ୟବହାର କରନ୍ତୁ ।
- ଖାଇବା ପରେ ଅନ୍ତତଃ ଦଶମିନିଟ୍ ଚାଲବୁଲ କରନ୍ତୁ ।
- ହାତରେ ସମୟ ନଥିଲେ ପଡ଼ିଶା କିମ୍ବା ଅଫିସରେ ଟିକେ ବୁଲାବୁଲି କରନ୍ତୁ ।
- ସମୟ ନମିଳିଲେ ଛିଟି ଦିନ ପାଇଁ ଭଲ ଉପଯୋଗୀ ଏକ୍ସସରସାଇଜ ରୁଟିନ୍ ତିଆରି କରନ୍ତୁ ।
- ପାଣି ଗରମ କଲାବେଳେ ବା ପାଖରେ କିଛି ସମୟ ଥିଲେ ସ୍କିପିଂ କରନ୍ତୁ ।
- ଅଫିସ ଯିବା ପୂର୍ବରୁ ମେକଅପ କଲାବେଳେ ଆଇନା ଆଗରେ ଛିଡ଼ା ହୋଇ ନିଜ ପସନ୍ଦର ସଙ୍ଗୀତ ଶୁଣୁ ଶୁଣୁ ୧୦-୧୫ ମିନିଟ ଜଗିଂ କରନ୍ତୁ ।
- ଟିଭି ଦେଖିବା ବେଳେ ରିମୋଟ୍ ପାଖରେ ରଖିବେ ନାହିଁ ।
- ସମୟ ମିଳିଲେ ନିଜେ ଦୋକାନକୁ ଚାଲିଚାଲି ଯାଆନ୍ତୁ ଓ ଫେରନ୍ତୁ ।
- ଛିଡ଼ା ହୋଇ ରନ୍ଧାବଢ଼ା କରିବା ବେଳେ ଦଣ୍ଡବୈଠକ କରିପାରନ୍ତି ।
- ପିଲା ସ୍କୁଲରୁ ଫେରିବା ପାଇଁ ଅପେକ୍ଷା କରିଥିବା ବେଳେ ଛିଡ଼ା ନହୋଇ ଟିକେ ଚାଲବୁଲ କରନ୍ତୁ ।
- କାମ ମଝିରେ୫-୧୦ ମିନିଟ ପାଇଁ ଠନ୍ତୁ ।
- ଟିକେ ଚାଲବୁଲ କରନ୍ତୁ । ଅବା ଶିଡ଼ି ଓହ୍ଲାନ୍ତୁ ଓ ଚଢ଼ନ୍ତୁ ।
- ନାଚିବାକୁ ଭଲ ପାଉଥିଲେ ସମୟ ମିଳିଲେ ନାଚନ୍ତୁ ମନ ଓ ଶରୀର ଉଭୟ ଭଲ ରହିବ ।

କମ ସମୟର ଏକ୍ସରସାଇଜ ପ୍ଲାନ:

୧ ଶିଡ଼ି ପାଖରେ ଛିଡ଼ା ହୋଇ କାନ୍ଥ ଆଡ଼କୁ ମୁହାଁଇ ଗୋଟିଏ ଗୋଡ଼ ଶିଡ଼ି ଓ ଗୋଟିଏ ଗୋଡ଼ ଚଟାଣରେ ରଖନ୍ତୁ । ଛାତି ସିଧା ଓ ପେଟ ଟାଣ କରି ଆଣ୍ଠୁକୁ ୪୫°ରୁ୯୦° ରେ ଭାଙ୍ଗି ଆଣ୍ଠୁ ଟେକି ବସିବା ଭଙ୍ଗୀରେ ଆସନ୍ତୁ । ଦେଖିବେ ଯେମିତି ଆଣ୍ଠୁ ପଦାଙ୍ଗୁଳିର ପଛେଇ ରହେ । ଏଥର ଛିଡ଼ା ହୋଇ ଗୋଡ଼ ସିଧା କରନ୍ତୁ । ତଳେ ଥିବା ଗୋଡ଼ ସିଧା ଭାବେ ଉଠାନ୍ତୁ । ଏଇ ଅବସ୍ଥାରେ ଡେଇଁବେ । ଏପରି ୧ମିନିଟ୍ ଲେଖାଁ ପ୍ରତି ଗୋଡ଼ରେ କରନ୍ତୁ ।

୨ ସୋଫା ପଛରେ ଛିଡ଼ା ହୋଇ ହାତ ଦୁଇଟି ପରସ୍ପର ଠାରୁ ଯଥେଷ୍ଟ ଦୂରତ୍ୱରେ ରଖି ପଛାନ୍ତୁ । ହାତ ସମ୍ପୂର୍ଣ୍ଣ ଭାବେ ଟାଣ ହୋଇଗଲେ ତଥା ପଦାଙ୍ଗୁଳି ତଳେ ଥିବା ହାଡ଼ ଉପରେ ଛିଡ଼ା ହେଲେ ଅଟକି ଯାଆନ୍ତୁ । ଦୁଇ ପାଦ ମଝିରେ ଦୁଇ କାନ୍ଧରୁ ଅଧିକ ଦୂରତ୍ୱ ବଜାୟ ରଖନ୍ତୁ । ଶରୀର ତୀର୍ଯ୍ୟକ ଥିଲେ ବିସିଧା ରହିବ । ଏଥର କହୁଣୀ ମୋଡ଼ି ଦେହର ଉପର ଅଂଶ ସୋଫା ପାଖକୁ ନିଅନ୍ତୁ । କହୁଣୀ ସିଧା କରି ଶରୀର ଉପରକୁ ନେଇ ଆସନ୍ତୁ । ବ୍ୟାୟାମଟି ୧ମିନଟ୍ କରନ୍ତୁ ।

୩ ଦୁଇ ପାଦ ମଝିରେ ଦୂରତ୍ୱ ରଖି ଛିଡ଼ା ହୁଅନ୍ତୁ । ଛାତି ସିଧା ଓ ପେଟ ଟାଣି ରଖି ଡାହାଣ ପାଦ ବଢ଼ାନ୍ତୁ । ଆଣ୍ଠୁ ଭାଙ୍ଗି ଉହୁଙ୍କି ପଡ଼ିବା ଭଳି ହୁଅନ୍ତୁ । ଡାହାଣ ଆଣ୍ଠୁ ଓ ଗୋଠି ସିଧା ରଖନ୍ତୁ । ଏଥର ଆଣ୍ଠୁ ସିଧା କରି ଛିଡ଼ା ହୁଅନ୍ତୁ । ଡାହାଣ ପାଦ ପଛକୁ ନନେଇ ବାମ ପାଦ ବଢ଼ାନ୍ତୁ । ବାମ ଆଣ୍ଠୁ ଉନିତମ୍ବ ଯାଏଁ ଉଠିଲେ ସେଇ ଅବସ୍ଥାରେ ୩ ଯାଏଁ ଗଣି ବାମ ପାଦ ଆଗକୁ ରଖନ୍ତୁ । ଏଥର ବାମ ଗୋଡ଼ ଆଗେଇ ବ୍ୟାୟାମଟି କରନ୍ତୁ । ଏଭଳି ୧ରୁ ୨ ମିନିଟ୍ ବ୍ୟାୟାମ କରି ଆଗେଇ ଚାଲନ୍ତୁ ।

ଖାଦ୍ୟ ବିଷୟରେ କିଛି କଥା :

ସଠିକ ଖାଦ୍ୟାଭ୍ୟାସ ଦ୍ୱାରା ଆପଣ ସୁସ୍ଥ ଓ ସୁନ୍ଦର ରହିବା ସାଙ୍ଗକୁ ସତେଜ ଓ କର୍ମଠ ରହନ୍ତି । ନିୟମିତ ଭାବେ ସଠିକ ପରିମାଣର ଖାଦ୍ୟ ଖାଉଥିବା ଲୋକେ ଦୀର୍ଘ ଓ ସୁସ୍ଥ ଜୀବନ ଲାଭ କରନ୍ତି । ବ୍ରେକଫାଷ୍ଟ ବା ଜଳଖିଆକୁ ଖାଦ୍ୟ ବିଶେଷଜ୍ଞମାନେ ଅଧିକ ଗୁରୁତ୍ୱ ଦିଅନ୍ତି । ଏହାକୁ ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ କୁହାଯାଏ । ଏଥିରୁ ଦିନସାରା କାମ କରିବାର ଶକ୍ତି ମିଳେ । ତେଣୁ ବ୍ରେକଫାଷ୍ଟ ବାଦ ଦେବା କଥା ଭାବିବେ ନାହିଁ । ଯଅ ଚୂନା, କର୍ଣ୍ଣ ଫ୍ଲେକ୍ସ ଭଳି ସିରିୟଲ୍ ଓ କଦଳୀ, ଷ୍ଟ୍ରବେରି ଭଳି ନାନା ଫଳ ଓ କ୍ଷୀର ଭଲ ବ୍ରେକଫାଷ୍ଟ । ଏଇ ଖାଦ୍ୟଗୁଡ଼ିକ କାର୍ବୋହାଇଡ୍ରେଟ୍, କ୍ୟାଲଶିୟମ, ତନ୍ତୁରେ ଭରା ଓ କମ ଚର୍ବିଯୁକ୍ତ । ତେବେ ଏଥିରେ ଯଥେଷ୍ଟ ପ୍ରୋଟିନ ନଥାଏ । ଅଧିକାଂଶ କ୍ଷେତ୍ରରେ ବ୍ରେକଫାଷ୍ଟରେ ପ୍ରୋଟିନ ଅଭାବ ରହେ । ସଠିକ କାମ ପାଇଁ ଲୋଡ଼ା ପର୍ଯ୍ୟାପ୍ତ ପ୍ରୋଟିନ । ବ୍ରେକଫାଷ୍ଟ ହେଉ ବା ଅନ୍ୟ ଭୋଜନ, ସବୁବେଳେ ବାଲନ୍ସଡ ଡାଏଟ୍ ପାଇଁ ଚେଷ୍ଟା କରନ୍ତୁ । ଖାଦ୍ୟରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫ୍ୟାଟ୍ , ଭିଟାମିନ ଓ ମିନେରାଲ ଆଦି ସଠିକ ପରିମାଣରେ ଥିବା ଦରକାର । ଅନେକେ ପତଳା ରହିବା ପାଇଁ ଖାଦ୍ୟରୁ ଫ୍ୟାଟକୁ ସମ୍ପୂର୍ଣ୍ଣ ବାଦ ଦିଅନ୍ତି । ଏପରି କରିବା ଅନୁଚିତ । ଫ୍ୟାଟ୍‌ର ମଧ୍ୟ ଗୁରୁତ୍ୱ ରହିଛି । ଏହା ଏନର୍ଜି ଲେଭଲ୍ ବଜାୟ ରଖେ ଖାଦ୍ୟରେ ଚିକେନ ଓ ମାଛ ରଖନ୍ତୁ ଏଥିରେ ଫ୍ୟାଟ କମ ଥାଏତେଣୁ କ୍ୟାଲେରି ଓ କୋଲେଷ୍ଟ୍ରଲ୍ ମଧ୍ୟ କମ । ତେବେ ମଟନ ନଖାଇବାର କୌଣସି କାରଣ ନାହିଁ । ଏଥିରେ ପ୍ରଚୁର ପ୍ରାଟିନ, ଆଇରନ, ଜିଙ୍କ ଓ କ୍ରିଏଟାଇନ ଥାଏ । ଡାକ୍ତରଙ୍କ ନିଷେଧ ନଥିଲେ ସପ୍ତାହକୁ ଥରେ ବା ଦୁଇ ଥିର ମଟନ ଖାଇ ପାରିବେ । କଦଳୀ, କମଳା, ଅଙ୍ଗୁର ଓ ଅନ୍ୟାନ୍ୟ ରସଯୁକ୍ତ ଫଳରେ ଭିଟିନ ସି ଓ ପୋଟାଶିୟମ ଅଧିକ ଥାଏ । ତେଣୁ ଫଳ ସହିତ ଫଳ ରସ ଦିନକୁ ଥରେ ଖାଦ୍ୟ ତାଲିକାରେ ରଖନ୍ତୁ । କାରଣ, ଫଳ ଓ ଫଳ ରସରେ କ୍ୟାଲୋରିର ମାତ୍ରା ଅଧିକ । ବିଶେଷଜ୍ଞଙ୍କ ପରାମର୍ଶ ନେଇ ପ୍ରତିଦିନ ଭିଟାମିନ ଇ କ୍ୟାପସୁଲ ଖାଆନ୍ତୁ । ଏହା ହୃଦରୋଗ ଓ କ୍ୟାନସରରୁ ରକ୍ଷା କରିବା ସହିତ ତ୍ୱଚା ତଥା କେଶକୁ ସୁନ୍ଦର ରଖେ ।

୩ଗୁଣ ବଢ଼ିବ ହୃଦ୍ ସମସ୍ୟା



୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା--ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରୋ ଏହି ଅଧ୍ୟନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ ଅଧ୍ୟନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଳେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା । ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ୍ୟ ଜଣାପଡ଼ିଲା । ଅଧ୍ୟନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷଥିଲେ ।

କେଶ ଅଧିକ ଝଡୁଥିଲେ

ବର୍ଷାଦିନେ ଉଭୟ ଯୁବତୀ ଓ ମହିଳାଙ୍କର ସାମାନ୍ୟ ଅଧିକ କେଶ ଝଡ଼ା ହୋଇଥାଏ । ଏଥିନିମନ୍ତେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଘରୋଇ ଉପଚାର କରିବା ଉଚିତ୍ ।

- ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ନେଇ ସେଥିରେ ୨ ଚାମଚ ଅଲିଭ ତେଲ ମିଶାଇବେ । ତାହାକୁ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୨୦ ମିନିଟ୍ ପରେ ଶ୍ୟାମ୍ପୁ କରନ୍ତୁ । ସପ୍ତାହକୁ ୨ଥର ଏଇ ଉପାୟ କରିବାପରେ ଦେଖିବେ କେଶଝଡ଼ା ହ୍ରାସ ପାଇଛି ।
- ଗୋଟିଏ ପାତ୍ରରେ ମେଥିଦାନାକୁ ଭିଜାଇ ପୂରା ରାତି ରଖନ୍ତୁ । ସକାଳୁ ସେହି ପାଣିକୁ ଛାଣି ବାଲଟିଏ ପାଣିରେ ମିଶାଇ କେଶ ଧୁଅନ୍ତୁ । ଏଇ ପାଣି କେଶ ମୂଳକୁ ଶକ୍ତ କରିବା ସହ ଅକାଳପକ୍ୱତାରୁ ରକ୍ଷା କରେ ।
- ଦହିକୁ କେଶମୂଳରେ ଲଗାଇ ୧୫ ମିନିଟ୍ ଶ୍ୟାମ୍ପୁ କରିନେବେ । ଏହା ମଧ୍ୟ କେଶ ଝଡ଼ାରୁ ରୋକିବା ସହ କେଶର ଘନତ୍ୱ ବଢ଼ାଇଥାଏ ।
- ନଡ଼ିଆ ପାଣିକୁ ତୁଳାରେ ନେଇ କେଶମୂଳରେ ଲଗାଇ କିଛି ସମୟ ପରେ କେଶ ଧୂଅନ୍ତୁ । କେଶ ଝଡ଼ିବାର ରକ୍ଷା ପାଇବା ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସର୍ବାଗ୍ରେ କାମ...

ଆମେରିକାର ଏକ ପ୍ରାଥମିକ ବିଦ୍ୟାଳୟରେ ପୁଣି ଥରେ ଗୁଳିକାଣ୍ଡ ଘଟି ୧୯ଜଣ ନିରୀହ ଶିଶୁଙ୍କ ସମେତ ୨୨ଜଣ ପ୍ରାଣ ହରାଇଛନ୍ତି । ଏହି ଘଟଣା କେବଳ ଆମେରିକାବାସୀଙ୍କୁ ନୁହେଁ, ସମଗ୍ର ବିଶ୍ୱକୁ ବ୍ୟଥିତ କରିଛି । ଏଭଳି ନାରକୀୟ କାଣ୍ଡ ଘଟାଇଥିବା ଆତତାୟୀକୁ ସୁରକ୍ଷାକର୍ମୀମାନେ ଗୁଳିକରି ହତ୍ୟା କରିଛନ୍ତି ସତ, କିନ୍ତୁ ଯେଉଁ ନିରୀହ ନିଷ୍ପାପ ଶିଶୁମାନେ ଏହି ଘଟଣାରେ ପ୍ରାଣ ହରାଇଛନ୍ତି ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ କୌଣସି ସାନ୍ତ୍ୱନା ପର୍ଯ୍ୟାପ୍ତ ହେବନାହିଁ । ଏପରିକି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ କ୍ଷୋଭପୂର୍ଣ୍ଣ ମନ୍ତବ୍ୟ ସୁଦ୍ଧା ନୁହେଁ । କାରଣ ସେ ଦେଶରେ ବନ୍ଧୁକ ସଂସ୍କୃତିର ଚେର ଏତେ ଗଭୀରକୁ ଚାଲିଯାଇଛି ଯେ ତାହାର ମୂଳୋତ୍ପାଟନ କରିବା ମୁସ୍କିଲ୍ । ସେଇଥିପାଇଁ ବାରମ୍ବାର ସେ ଦେଶରେ ଏଭଳି ନାରକୀୟ କାଣ୍ଡ ଘଟିଚାଲିଛି । ଆମେରିକା ବିଶ୍ୱର ଅନ୍ୟତମ ସଭ୍ୟ ରାଷ୍ଟ୍ର ଏବଂ ସେ ଦେଶର ସମ୍ବିଧାନ ନାଗରିକମାନଙ୍କୁ ଯେତିକି ସାମ୍ବିଧାନିକ ଅଧିକାର ପ୍ରଦାନ କରେ ସେମାନଙ୍କର ଧନଜୀବନର ସୁରକ୍ଷା ନିମନ୍ତେ ସେତିକି ବ୍ୟାପକ ପ୍ରାବଧାନ ମଧ୍ୟ ରହିଛି । କିନ୍ତୁ ସେ ଦେଶର ସମ୍ବିଧାନ ତା'ର ଦ୍ୱିତୀୟ ସାମ୍ବିଧାନିକ ସଂଶୋଧନ ବଳରେ ନାଗରିକମାନଙ୍କୁ ଆତ୍ମରକ୍ଷା ନିମନ୍ତେ ମାରଣାସ୍ତ୍ର ଧାରଣ କରିବାର କ୍ଷମତା ପ୍ରଦାନ କରିଛି । ଏହା ବଳରେ ଦେଶରେ ନାଗରିକଙ୍କ ନିକଟରେ ଏତେ ସଂଖ୍ୟାରେ ବନ୍ଧୁକ ପହଞ୍ଚିଛି ଯେ, ତାହା ଆତ୍ମରକ୍ଷା ନୁହେଁ ଏବେ ଏହାର ଅଧିକ ଅପବ୍ୟବହାର ହେଉଛି ଏବଂ ସମୟାନ୍ତରେ ଏହିଭଳି ବୀଭତ୍ସ କାଣ୍ଡମାନ ଘଟିଚାଲିଛି । ୨୦୧୨ ମସିହାର କନେକ୍ଟିକଟନ ନିଉ ଟାଉନର ସ୍ୟାଣ୍ଡି ହୁକ୍ ଏଲିମେଣ୍ଟାରୀ ସ୍କୁଲ ଘଟଣା କିମ୍ବା ୨୦୧୮ ମସିହାର ମାର୍ଜୋରୀ ଡଗଲାସ୍ ସ୍କୁଲ ଗୁଳିକାଣ୍ଡ ଏହାର ଗୋଟିଏ ଗୋଟିଏ ଲଜ୍ଜାକର ଉଦାହରଣ । ଯଦି ଗୁଳିକାଣ୍ଡ ଘଟଣାର ପରିସଂଖ୍ୟାନ ଉପରେ ଦୃଷ୍ଟି ପକାଯାଏ ତେବେ ଜଣାଯିବ ଯେ ୨୦୨୨ ମସିହାରେ ପାଞ୍ଚ ମାସ ଭିତରେ ଆମେରିକାରେ ଏଭଳି ୨୨ଟି ଗୁଳିକାଣ୍ଡ ଘଟଣା ଘଟିଛି । ୨୦୧୮ ମସିହାଠାରୁ ଅଦ୍ୟାବଧି ଏଭଳି ୧୧୮ଟି ଘଟଣାରେ ଶତାଧିକ ଲୋକ ପ୍ରାଣ ହରାଇଥିବାର ନଜିର ରହିଛି । ମନରେ ସ୍ୱତଃ ପ୍ରଶ୍ନ ଉଠେ- କାହିଁକି ଆମେରିକାରେ ଏଭଳି ଗୁଳିକାଣ୍ଡ ଘଟଣା ମାତ୍ରାଧିକ ଭାବେ ଘଟୁଛି ? ଏହାର ପ୍ରଶ୍ନ ସରଳ । ମନସ୍ତତ୍ତ୍ୱବିଦ୍‌ମାନେ ଏହାର ଗୋଟିଏ ସରଳ ଉଦାହରଣ ଦେଇଥାନ୍ତି । ଯଦି ଜଣେ ବ୍ୟକ୍ତି ହାତରେ ହାତୁଡ଼ିଟିଏ ଧରେ ତେବେ ସାରା ସଂସାର ତାକୁ ଗୋଟିଏ ଲୁହାକଣ୍ଟା ବୋଲି ପ୍ରତୀୟମାନ ହେବ । ହାତୁଡ଼ିଧାରୀ ବ୍ୟକ୍ତିଟି ସବୁଠାରେ ତାହା ପିଟିବାକୁ ତା'ର ମନ ଓ ହାତ ଖୁଜୁବୁଜୁ ହେବ । ବନ୍ଧୁକ କ୍ଷେତ୍ରରେ ମଧ୍ୟ ମାନସିକତାଟି ଅନୁରୂପ । ବନ୍ଧୁକ ଧରିଲେ ଯେ ଜଣେ ଆତତାୟୀ ପାଲଟିଯିବ ତାହା ଭାବିବା ଅନୁଚିତ । କିନ୍ତୁ ସେ ଦେଶର ସକଳ ପ୍ରଚୁର୍ଯ୍ୟ ସତ୍ତ୍ୱେ ଅନେକଙ୍କ ମନକୁ ଯେ ହତାଶାଭାବ ଆଚ୍ଛନ୍ନ କରିରଖିଛି ଓ ଆଖିବୁଜା ଗୁଳିଚାଳନା କରି ସେମାନେ ନିଜ ମନର ସେହି ଭାବନାକୁ ପ୍ରକଟ କରୁଛନ୍ତି ତାହା ବୁଝିବାକୁ ଆଉ ବାକି ନାହିଁ । କିନ୍ତୁ ବନ୍ଧୁକ ଉତ୍ପାଦନ, ବିକ୍ରି ଉପରେ ନିୟନ୍ତ୍ରଣ ଆଣିବାକୁ ସଭିଏଁ ଅସମର୍ଥ । ଅତୀତରେ ଅନେକ ରାଷ୍ଟ୍ରପତି ଏ ଦିଗରେ ପ୍ରୟାସ କରି ଦୟନୀୟ ଭାବେ ବିଫଳ ହୋଇଛନ୍ତି । ଏହାର ସର୍ବୋତ୍ତମ ଉଦାହରଣ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା । ବନ୍ଧୁକ ସଂସ୍କୃତି ବିରୋଧରେ ଆଗତ ପ୍ରସ୍ତାବକୁ ସେ କଂଗ୍ରେସରେ ଆଲୋଚନା ପାଇଁ ପଠାଇବାକୁ ୧୭ଥର ପ୍ରୟାସ କରି ବିଫଳ ହୋଇଥିଲେ । ରାଷ୍ଟ୍ରପତି ବାଇଡେନ୍ ରୋବ୍ ପ୍ରାଥମିକ ବିଦ୍ୟାଳୟ ଘଟଣା ପରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଯେଉଁ କ୍ଷୋଭ ପ୍ରକଟ କରିଛନ୍ତି ତାହା ନିରାଟ ସତ୍ୟ । ତା' ଭିତରୁ ବାସ୍ତବତାର ବାସ୍ନା ଆସୁଛି । ତେଣୁ ଭବିଷ୍ୟତରେ ଆଉ କୌଣସି ବିଦ୍ୟାଳୟରେ କେହି ଆତତାୟୀ ଏପରି ନାରକୀୟ କାଣ୍ଡ ଘଟାଇବା ପୂର୍ବରୁ ରାଷ୍ଟ୍ରପତି ବାଇଡେନ୍ ତାଙ୍କର ଏକଜିକ୍ୟୁଟିଭ୍ କ୍ଷମତା ପ୍ରୟୋଗ କରି ବନ୍ଧୁକ ସଂସ୍କୃତିରେ ପୂର୍ଣ୍ଣଚ୍ଛେଦ ପକାଇ ଦିଅନ୍ତୁ । ତାହା ତାଙ୍କୁ ଇତିହାସ ପୃଷ୍ଠାରେ ଅବିସ୍ମରଣୀୟ କରି ରଖିବ । ସତରେ କଣ ବନ୍ଧୁକଟିଏ ପାଖରେ ରଖିଲେ ଜଣେ ସୁରକ୍ଷିତ ରହିପାରେ ? ଜଣକ ହାତର ବନ୍ଧୁକଟି ଅନ୍ୟ ପାଇଁ ଭୟ ଓ ଆତଙ୍କର କାରଣ ନୁହେଁ କି ? ଏହିଭଳି ଘଟଣା ଆଉ କେତେଥର ଘଟିଲେ ସେ ଦେଶ ସରକାର, ପ୍ରଶାସନ, ବନ୍ଧୁକ ନିର୍ମାତା/ ବ୍ୟବସାୟୀଙ୍କ ମନରେ ହେଜ ପଶିବ ? କେତେ ନିରୀହ ଲୋକଙ୍କ ଲୁହରେ ହାତ ଧୋଇ ସେମାନେ ନିଜ ତହବିଲ ଭରିବେ ? ରାଷ୍ଟ୍ରପତି ବାଇଡେନ୍ ମହୋଦୟ ! ଏହା ବିରୁଦ୍ଧରେ ସ୍ୱର ନୁହେଁ, ନିର୍ଣ୍ଣାକ ପଦକ୍ଷେପ ଗ୍ରହଣ କରନ୍ତୁ ।

ପାଉଁଶରେ ପହଁରିବ ପୁଞ୍ଜିବାଦ

ମାୟାଧର ନାୟକ

ଅନ୍ଧମୁହାଣିରେ ବିଶ୍ୱ ପୁଂଜିବାଦୀ ଅର୍ଥନୀତି ଦ୍ରୁତ ଗତିରେ ମାଡିଚାଲିଛି । ବିଭିନ୍ନ ଦେଶରେ ପୁଂଜିବାଦୀ ବଜାର ସଂକଟ ଯୋଗୁ ଭୟଙ୍କର ଅବସ୍ଥା ଉପୁଜିଲାଣି । ଅନେକ ଦେଶ ଆର୍ଥିକ ଦେଣ-ନେଣରେ ସୁଧାର ଆସୁନଥିବାରୁ ଧୀରେ ଧୀରେ ଦେବାଳିଆ ଅବସ୍ଥାକୁ ଆସିଗଲେଣି । ବିଶ୍ୱର ଧନଶାଳୀ ଦେଶମାନେ ମଧ୍ୟ ଆର୍ଥିକ ମାନ୍ଦାବସ୍ଥାକୁ ମୁକାବିଲା କରିନପାରି ପ୍ରଚଣ୍ଡ ସଂକଟରେ ଜର୍ଜ୍ଜରିତ ।

ସାରା ପୃଥିବୀରେ ଶୋଷଣ ଜାଲ ବିଛାଇଥିବା ଆମେରିକା କିନ୍ତୁ ନିଜ ମାୟାଜାଲରେ ନିଜେ ଛନ୍ଦି ହୋଇ ଯାଇଛି ! ଆଜିର ଏ ପରିସ୍ଥିତି ପଛରେ ଆମେରିକାର କି ପ୍ରକାର କୂଟକୌଶଳ ଛପିରହିଛି – ଏ କଥା ସବୁ ଦେଶ କହିପାରୁ ନାହାଁନ୍ତି । ସେମାନଙ୍କ ଜିଭ କଟିଯିବା ଭୟରେ ବହୁସଂଖ୍ୟକ ଦେଶ ମୁହଁରେ ତୁଣ୍ଡିଲଗାଇ ଦେଇଛନ୍ତି । କିଛି ଶିଳ୍ପଦ୍ୟୋଗୀ ବିଦେଶରୁ ୬ ରୁ ୭ ପରସେଂଟ୍ ସୁଧରେ କରଜ ଆଣିଥିଲେ । ଆମ ଦେଶରେ ସୁଧହାର ୧୨ ରୁ ୧୪ ପର୍ଯ୍ୟନ୍ତ ଥିବାରୁ ବିଦେଶରୁ ଋଣ ଆଣି ମଜା ମାରୁଥିଲେ । ଏବେ ଟଙ୍କାର ଅବମୂଲ୍ୟାୟନ ଘଟିବା ଫଳରେ ସେଇ ଶସ୍ତା କରଜ ବର୍ତମାନର ବେକର ଫାଶୀ ପାଲଟିଯାଇଛି ।

କେବଳ ଆମେରିକୀୟ ଡଲାର ନୁହେଁ, ବ୍ରିଟିଶ୍ ପାଉଣ୍ଡ ଓ ଅନ୍ୟାନ୍ୟ ଦେଶର ମୁଦ୍ରା ମଧ୍ୟ ଅଧିକ ଟଙ୍କା ଏପରିକି ୧୭%ରୁ ୨୦% ବଢିଯାଇଛି । ଭାରତୀୟ କରଜ କରିଥିବା ବ୍ୟବସାୟୀମାନେ ଛାନିଆ ହୋଇ ପଡିଥିବାବେଳେ ବିଦେଶରୁ ଯେଉଁମାନେ ଦେଶକୁ ଡଲାର ପଠାଉଛନ୍ତି ତାଙ୍କ ଘର ଲୋକେ ଅଧିକ ଟଙ୍କା ପାଇବେ । ଏଥିରେ ସେମାନେ ଖୁସି । ଏହି ମୁଦ୍ରାସ୍ଫୀତି କାହାର ନିଦ ହଜେଇ ଦେଇଛି ଓ ଆଉ କାହାର ଆନନ୍ଦର ସୀମା ନାହିଁ ।

୨୦୨୧ ବିଶ୍ୱର ଆର୍ଥିକ ସଙ୍କଟ ୧୯୨୯ ମସିହାର ମହାମାନ୍ଦାବସ୍ଥା ଠାରୁ ୧୦ ଗୁଣ ଅଧିକ ହେବାକୁ ଯାଉଛି । ସେହି ସମୟରେ ଅର୍ଥନୀତିଜ୍ଞ କେନସଙ୍କ ତତ୍ତ୍ୱକୁ ପୁଂଜିବାଦୀ ରାଷ୍ଟ୍ରମାନେ କାର୍ଯ୍ୟକାରୀ କରିଥିଲେ । କେନସ୍ ତତ୍ତ୍ୱର ମୂଳଭିତି ହେଲା, ମାନ୍ଦା କାଟିବା ପାଇଁ ସାମଗ୍ରିକ ଚାହିଦା ବଢାଇବାକୁ ହେବ । ଏହି ଚାହିଦା ସରକାର ବଢାଇବେ, ରାଜକୋଷରୁ ବ୍ୟୟ କରିବେ । ସରକାର ଅର୍ଥ ବ୍ୟୟ କଲେ ଲୋକଙ୍କ ହାତକୁ ଟଙ୍କା ଯିବ – ଟଙ୍କା ରହିଲେ ଲୋକେ ଜିନିଷପତ୍ର କିଣିବେ । ବିନିଯୋଗ ମଧ୍ୟ ବଢିବ । ଯେକୌଣସି ଭାବେ ଲୋକଙ୍କ ରୋଜଗାର ବଢାଇ ଲୋକଙ୍କ ପକେଟକୁ ଟଙ୍କା ଆସିବା ଦରକାର । ପ୍ରୟୋଜନରେ ମାଟି ଖୋଳି, ସେହି ମାଟି ଗାତରେ ଭର୍ତି କରିବା କାମ ବି ଆଗେ ଦରକାର । ମାଟି ଖୋଳି ଗାତ ପୋତିବା ଏବେ ସମ୍ଭବ ନୁହେଁ । ଅପର ପକ୍ଷରେ ମାର୍କ୍ସ ଏଙ୍ଗେଲ୍‌ସ୍ ତତ୍ତ୍ୱକୁ ସମାଜବାଦୀ ଶିବିର ପ୍ରୟୋଗକରି ଲୋକଙ୍କ ଗୋଟି କପଡା ଆଉ ମକାନ, ସ୍ୱାସ୍ଥ୍ୟ ଶିକ୍ଷାର ସମାଧାନ କରି ପାରିଲେ । ଚାହିଦା ବଢିଲେ ଦାମ ବଢେ, ଦାମ ବଢିଲେ ଚାହିଦା କମେ । ଚାହିଦା କମିଲେ ଉତ୍ପାଦନ କମେ । ଉତ୍ପାଦନ କମିଲେ ଶ୍ରମିକ ସଂକୋଚନ ପ୍ରକ୍ରିୟା ଆରମ୍ଭ ହୁଏ ।

ଜଗତୀକରଣ ଫଳରେ ଭାରତ ଯେଉଁ ଦେଶକୁ କଂଚାମାଲଠାରୁ ଉତ୍ପାଦିତ ଦ୍ରବ୍ୟ ରପ୍ତାନୀ କରୁଥିଲା, ସେ ଦେଶର ଚାହିଦା କମିବାରୁ ଭାରତୀୟ ରପ୍ତାନୀ ବାଧାପ୍ରାପ୍ତ ହୋଇଛି । ଏବେ ଭାରତୀୟ ଅର୍ଥନୀତି ଆଭ୍ୟନ୍ତରୀଣ ଚାହିଦା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ନୁହେଁ । ବିଶ୍ୱର ଏହି ଆର୍ଥିକ ମହାମାନ୍ଦାବସ୍ଥା କେତେମାସ ବା ବର୍ଷ ଲାଗିରହିବ କେହି ପହିପାରୁନାହାନ୍ତି । ଏଭଳି ଅବସ୍ଥା ଚାଲିଲେ ଛୋଟ ଓ ମଝିମଝିକା ଶିଳ୍ପ ବ୍ୟବସାୟୀ ଭୀଷଣ କ୍ଷତିଗ୍ରସ୍ତ ହେବେ ।

ବିଶ୍ୱ ଆର୍ଥିକ ବିପର୍ଯ୍ୟୟ ଭାରତକୁ ପ୍ରଚଣ୍ଡ ଧକ୍କା ଦେଇଛି । ହଜାର ହଜାର ଲକ୍ଷଲକ୍ଷ ସଂଖ୍ୟାରେ ଶ୍ରମିକ କର୍ମଚାରୀ ଛଟେଇ, ଆୟବୃଦ୍ଧି ଭୀଷଣ ଭାବେ ବାଧାପ୍ରାପ୍ତ, ଉତ୍ପାଦନ ହଠାତ୍ ବନ୍ଦ ହୋଇ ଆସୁଛି, ବଜାର ଚାହିଦା କମୁଛି ।

ସରକାର ଶିଳ୍ପପତିଙ୍କୁ ଗୁହାରି କରୁଛି – ଉତ୍ପାଦିତ ଦ୍ରବ୍ୟର ଦାମ କମାଅ, ଛଟେଇ ବନ୍ଦ କର, ଲୋକଙ୍କ ହାତରେ ଟଙ୍କା ଥଲେ ବଜାର ସତେଜ ରହିବ । ପୁଂଜିପତିମାନେ ସରକାରୀ ଗୁହାରି ନଶୁଣି, ସୁଧହାର, ଉତ୍ପାଦନ ଟିକସ କମାଇବା ପାଇଁ ଦାବୀ କରୁଛନ୍ତି ।

ଅସଲ କଥା ହେଉଛି – ଭାରତୀୟ କାରିଗରମାନଙ୍କର କୁଶଳତାର ଅଭାବ, ସରକାରରେ ବହୁ ଆତ୍ମସ୍ୱାର୍ଥୀ ଲୋକ ଥିବାରୁ, ଦେଶର ସ୍ୱାର୍ଥ ଅର୍ଥନୀତି ଓ ପୁଂଜିର ସୁଷମ ବଂଟନକୁ ଧ୍ୟାନ ଦେଇ ନଥିବାରୁ ବିଦେଶୀ ଉତ୍ପାଦିତ ପଦାର୍ଥ ସହିତ ଭାରତୀୟ ଉତ୍ପନ୍ନ ପଦାର୍ଥ ପ୍ରତିଯୋଗିତାରେ ହାର ମାନୁଛି ।

ଭାରତର ଅର୍ଥନୀତି ଏପର୍ଯ୍ୟନ୍ତ ଭୁଲ ଗଣିତର ଧାରାରେ କଷା ହୋଇ ଆସିଛି । ଏ ଅଙ୍କକଷା କିଛି କୁଟିଳ ରାଜନୈତିକ କାରପଟଦାରମାନଙ୍କର କଳା କାର୍ଯ୍ୟଦି । ଯେଉଁଦିନ ଭାରତରେ ନିରନ୍ନ ଜନତା ଏ ଗଣିତ ପଛରେ ଥିବା ଆତଙ୍କକୁ ଅନ୍ତରେ ଅନ୍ତରେ ଉପଲବ୍ଧି କରିପାରିବେ, ସେଦିନ ନୂଆ ଭାରତର ନିଆରା ନକ୍ସା ପାଇଁ ଆରମ୍ଭ ହେବ କଠୋର ସଂକଳ୍ପର ଦିନ ।

ପୁଂଜିବାଦର ମାଧ୍ୟମ ମିଡିଆକୁ ପ୍ରଚୁର ଅର୍ଥ ଦେଇ ଏଇ ଅପପ୍ରଚାରଧର୍ମୀ ଉଭଟନାଟକ ଆରମ୍ଭ ହୋଇଯାଇଛି – ଯେତେବେଳେ ମଠମନ୍ଦିର ମସ୍‌ଜିଦ୍ ଗିର୍ଜା ପୁଂଜିବାଦକୁ ରକ୍ଷା କରି ପାରୁନି - ଅର୍ଥବଳ, ବାହୁବଳ, ରାହୁବଳ କାମ ଦେଉନି – ସେତେବେଳେ ପୁଂଜିବାଦର ପ୍ରେତ 'ନଷ୍ଟ୍ରଡମସ୍'ର ପୃଥିବୀ ଧ୍ୱଂସର ତତ୍ତ୍ୱ, ବିଶ୍ୱ ଅର୍ଥନୀତି ବିପର୍ଯ୍ୟୟର ଆଗୁଆ ଘଂଟି ବଜାଇବାର ପାଲା, ମୃତ୍ୟୁମୁଖୀ ଶଇତାନର ଥଇଥାନ ତତ୍ତ୍ୱ ଖୁବ୍ ଜୋରରେ ଶୁଣିବାକୁ ମିଳୁଛି ।

ଆଗରୁ ଲୋକେ ରାସ୍ତା ହଜେଇ ସାରିଛନ୍ତି । ଏବେ ଚାରିଆଡେ ଅନ୍ଧକାର । ଏହି ଭୟାବହ ପରିସ୍ଥିତିରେ ବିଶ୍ୱ ଶ୍ରମିକଶ୍ରେଣୀ ପାଖରେ ମାର୍କ୍ସ, ଲେନିନ୍, ଷ୍ଟାଲିନ୍, ମାଓ-ସେ-ତୁଂଗ ନାହାନ୍ତି । ସମାଜବାଦୀ ମୂଲ୍ୟବୋଧ କ୍ଷତବିକ୍ଷତ । ପୁଣି ସେଇ କାର୍ଲ ମାର୍କସ ଭରସା । କିନ୍ତୁ ମାର୍କ୍ସବାଦୀ ତତ୍ତ୍ୱକୁ ଠିକ୍‌ଭାବେ ପରିବର୍ତିତ ପରିସ୍ଥିତି ସହିତ ଖାପ ଖୁଆଇ ବିଶ୍ୱମାନବ ସମାଜକୁ ମୁକ୍ତିଶାନ୍ତିମୈତ୍ରୀ ପଥରେ ଆଗେଇ ନେବାପାଇଁ କେହି ନା କେହି ବାହାରନ୍ତୁ ।

ଆମ ଭାରତର ଶୋଷକ ପୁଂଜିପତି ଶ୍ରେଣୀ ଅତି ଚାଲାଖିଆ । ସବୁ ମାରିପିଟି ନେଇ ରଖିଛନ୍ତି – ବିପଦ ପଡିଲାବେଳକୁ ମୁଣ୍ଡ ଗଡାଉଛନ୍ତି । କିହୋ !ଶ୍ରମଜୀବୀ ଶ୍ରେଣୀକୁ ଖଟାଇ ଖଟାଇ ଦୀର୍ଘକାଳ ଧରି ଯେଉଁ ପୁଂଜିର ପାହାଡ ସୃଷ୍ଟି କରିଛି – ସେଥିରୁ କିଛି ଖସାଅ । ଏ କଥା କହିଲାବେଳେକୁ ସେମାନଙ୍କ ଛାତି ଫାଟି ଯାଉଛି ।

ଭାରତର ସବୁକ୍ଷେତ୍ରରେ ବର୍ତମାନ ଶ୍ରମିକ ସଂକୋଚନର ହୋହଲ୍ଲା ଆରମ୍ଭ ହୋଇଗଲାଣି । ରପ୍ତାନୀ ଆମଦାନୀ 'ଠପ୍' ହେବାକୁ ବସିଲାଣି । ଏସବୁ ଅବସ୍ଥା ଦେଖି ଭାରତୀୟ ପୁଂଜିପତିଙ୍କ ମଧ୍ୟରେ କୋକୁଆଭୟ ଦେଖାଦେଲାଣି ।

'ଭୋକ' ଏଭଳି ଏକ ଶବ୍ଦ ଯେ, ସେ ଦୁନିଆରେ କାହାରି ଥଳକୂଳ ରଖିବନି । ଡୋକେ ପିଇ, ଜଣ୍ଡେ ଜିଇ ଅବସ୍ଥା ମଧ୍ୟ ଅସମ୍ଭାଳ ହୋଇଯିବ । ଶ୍ରମଜୀବୀ ଶ୍ରେଣୀ ଯେତେବେଳେ ଦିନେ, ଦି'ଦିନ ଓପାସ ରହିବେ – ସେ କାହାରିକୁ ମାନିବେ ନାହିଁ - ପ୍ରଳୟ ! ମହାପ୍ରଳୟ !

ସାମ୍ୟବାଦରୁ ସଂଶୋଧନବାଦ, ପ୍ରଗତିରୁ ପ୍ରତିକ୍ରିୟା, ନିଆଁରୁ ପାଉଁଶ - ଅଂଗୀକାରରୁ ଅଂଗାର... ଏ ରହସ୍ୟ ପଛରେ ମାର୍କିନ୍ ମାର୍କେଟ୍‌ର ମୁନାଫାଖୋର୍ ପୁଞ୍ଜିବାଦୀ ତତ୍ତ୍ୱର ପ୍ରୟୋଗ କ'ଣ ଆମ ଅବଶିଷ୍ଟ ପୃଥିବୀର ବୁଦ୍ଧିଜୀବୀବର୍ଗଙ୍କୁ ଜ୍ଞାତ ନୁହେଁ ? ବିଶ୍ୱ ଆର୍ଥିକ ବିପର୍ଯ୍ୟୟ ରକ୍ଷା ପାଇବାର ଏକମାତ୍ର ମହୌଷଧି – ସଂପଦର ସାମାଜିକ ବିତରଣ । ଯଦି ଉତ୍ପାଦନ ସାମାଜିକ, ତା'ହେଲେ ଉତ୍ପାଦିତ ସଂପଦର ମାଲିକ ସାମାଜିକ ହେବା ଏକାନ୍ତ ଆବଶ୍ୟକ ।

❤ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଓଡ଼ିଶାର ଅର୍ଥନୈତିକ ବିକାଶ

ଅକ୍ଷୟ ପଣ୍ଡା

ଶାନ୍ତିର କେନ୍ଦ୍ରଭୂମି କେନ୍ଦ୍ରାପଡ଼ା । ଯେଉଁଠି ପ୍ରଭୁ ବଳଦେବଜୀଉ ସ୍ୱୟଂ ବିଦ୍ୟମାନ । ନୂଆ ବର୍ଷରେ ପ୍ରଭୁଙ୍କ ନୂଆ ବେଶ କଥା ଶୁଣି ଭକ୍ତମାନଙ୍କର ଇଚ୍ଛା ଶକ୍ତି ଶତ ଗୁଣିତ ହୋଇଥିଲା । ସେଥିରୁ ମୁଁ ମଧ୍ୟ ବାଦଯାଇ ନଥିଲେ ।

ଏତେ ଦିନ ବ୍ୟବଧାନରେ ବଳଦେବ ଜୀଉଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଥିଲି । ମୋ ବ୍ୟଥିତ ମନରେ ବଢି ଯାଇଥିଲା ଆତ୍ମ ବିଶ୍ୱାସ, ଦେହରେ ବଳ ଆଉ ମୁଁହରେ ହସ । ପୂଜା ଅର୍ଚ୍ଚନା ଶେଷ କରି ଫେରୁଥିଲି । ଅଚାନକ ବନ୍ଧୁ ହିମାଂଶୁ ବାବୁଙ୍କର ଦେଖା ହେଲା । ମୁଁ ତାଙ୍କୁ କହିଲି ଆଜି ବହୁତ ଭଲ ହେଲା । ବଳଦେବ ଜୀଉଙ୍କ ଦର୍ଶନ ସଙ୍ଗେ ସଙ୍ଗେ ବନ୍ଧୁର ଦର୍ଶନ ହୋଇଗଲା ।

ଅର୍ଥନୀତିର ଅଧ୍ୟାପକ ହିମାଂଶୁ ବାବୁ ସହିତ ଆଳପ ଆଲୋଚନା କଲା ବେଳେ ମୁଁ ନିଜର ସମସ୍ୟା ଅପେକ୍ଷା ଦେଶ ଓ ରାଜ୍ୟର ସମସ୍ୟା ଉପରେ ପ୍ରାଧାନ୍ୟ ଦିଏ । ସେଥିପାଇଁ ସେ ସବୁବେଳେ କୁହନ୍ତି 'ରାଜ୍ୟର ହାଲ ଚାଲ କଣ ?'

ନୂଆ ବର୍ଷରେ କରୋନା ଟିକା ଦେବା ଆରମ୍ଭ ହେଲାଣି । ଆଠ ତାରିଖ ଠାରୁ ସ୍କୁଲ ଦରୱାଜା ଖୋଲିଯିବ । କଳ କାରଖାନା ଭଲ ଭାବରେ ଚାଲୁ ହୋଇଯିବ । ହେଲେ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ । ଗାଁ ମାଟି ଛାଡ଼ି ଯିବାକୁ ନାଁ ଧରୁ ନାହାଁନ୍ତି । ବାବୁ କହିଲେ ଜୀବନ ଠାରୁ ଜବୀକା ଟା ବଡ଼ ନୁହେଁ । ଏବେ ବ୍ରିଟେନର ହାଲ ଦେଖୁଛି । ନୂଆ ଧରଣର କରୋନା କି ଭଳି ସଂକ୍ରମଣ କରୁଛି ।

କଥା ପ୍ରସଙ୍ଗରେ ମୁଁ କହିଲି କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଅଞ୍ଚଳରେ କଣ କଳ କାରଖାନା ଖୋଲି ପାରିବନି । ହସି ହସି ହିମାଂଶୁ ବାବୁ କହିଲେ ହଁ ହୋଇପାରିବ । ମାତ୍ର ଏହା ଏକ ଲମ୍ବା ପ୍ରକ୍ରିୟା ।

କଳ କାରଖାନା ପାଇଁ ଜମି, କଞ୍ଚାମାଲ, ଶ୍ରମିକ, ଉଦ୍ୟୋକ୍ତା ବିଜୁଳି ଶକ୍ତି ପରିବହନର ସୁବିଧା ଓ ବଜାର ଆବଶ୍ୟକ । ସେ ସବୁରୁ କଛିଟା କମି ହେଲେ ଏପରି କାର୍ଯ୍ୟ ଏକ ଦିବା ସ୍ୱପ୍ନ ହୋଇଯିବ । ତା ପରେ ଉପକୂଳ ଅଞ୍ଚଳ କାହିଁକି ସାରା ଓଡ଼ିଶାର ବିକାଶ ହେଲେ ଦେଶର ବିକାଶ ହୋଇପାରିବ । ସେଥିପାଇଁ ଦେଖିବାକୁ ହେବ କେଉଁ ଜାଗା କିପରି କେଉଁ କଳକାରଖାନା ପାଇଁ ଉପଯୋଗୀ । ମୁଁ ମୋର ମତାମତ ରଖି କହିଲି ଆମ ରାଜ୍ୟରେ ୩୦ ଟି ଜିଲ୍ଲା ୫୮ ଟି ସବ୍‌ଡ଼ିଭିଜନ୍‌ସ, ୩୧୭ ଟି ତହସିଲ ଓ ୩୧୪ ଟି ବ୍ଲକ୍ ଅଛି । ସେଥି ମଧ୍ୟରୁ ସାତଟି ଜିଲ୍ଲା ସମ୍ପୂର୍ଣ୍ଣ ରୂପେ ସମୁଦ୍ର ସହିତ ସଲଗ୍ନ । ସେଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗସିଂହପୁର, ପୁରୀ ଓ ଗଞ୍ଜାମ । ଏହାଛଡ଼ା କଟକ ଓ ଖୋର୍ଦ୍ଧା ଆଂଶିକ ରୂପେ ସମୁଦ୍ର ସହିତ ସଲଗ୍ନ । ଆଉ ରାଜ୍ୟ ଉପକୂଳ ବେଳାଭୂମି ଗୁଡ଼ିକର ବିକାଶ ହେଲେ ଅର୍ଥନୈତି ବିକାଶ ହୋଇପାରିବ । ପର୍ଯ୍ୟଟନ ଶିଳ୍ପ - ଓଡ଼ିଶାର କେତେକ ବେଳାଭୂମି ବିକାଶ ଲାଭ କରି ପର୍ଯ୍ୟଟକ ମାନଙ୍କର ଭିଡ଼ ଛୁଟିଛି । ଅନ୍ୟ କେତେକ ବେଳାଭୂମି ବିକାଶର ଗତି ଅତି ମନ୍ଥର ଗତିରେ ଚାଲିଛି । ସେଗୁଡ଼ିକ ହେଲା ଜଗସିଂହପୁର, ଶିଆଳି, କେନ୍ଦ୍ରାପଡ଼ାର ଗହିରିମଥା ଓ ପେଣ୍ଠ, ବାଲେଶ୍ୱର ଡ଼ଗରା ଓ ଚାନ୍ଦପୁର, ଗଞ୍ଜାମର ଧବଳେଶ୍ୱର ଓ ଆରୟାପଲ୍ଲୀ ବେଳାଭୂମିର ବିକାଶ ଆବଶ୍ୟକ ।

ଏହାର ସୌନ୍ଦର୍ଯ୍ୟ କାରଣ, ପର୍ଯ୍ୟଟନ ମାନଙ୍କର ଆଶ୍ରୟ ସ୍ଥଳି ନିର

ଫୁଲକୀରି

କାର୍ତ୍ତିକ ସାଇଁ

ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୨)

ଅରଣ୍ୟକ କାଣ୍ଡ

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଭରତ ଅଯୋଧ୍ୟାକୁ ଫେରି ଯାଇଥିଲେ। ନନ୍ଦି ଗ୍ରାମରେ ଏକ ସିଂହାସନ ନିର୍ମାଣ କରି ତା ଉପରେ ରାମଙ୍କ ପାଦୁକା ଦ୍ୱୟକୁ ତା ଉପରେ ପ୍ରତିଷ୍ଠା କଲେ ଓ ନିଜକୁ ରାମଙ୍କ ପ୍ରତିନିଧି ମାନି ରାଜ୍ୟ କାର୍ଯ୍ୟ ସମ୍ଭାଳିଲେ। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ରାମ ଜାଣିଥିଲେ ଚିତ୍ରକୂଟ ପର୍ବତ ଅଯୋଧ୍ୟାଠାରୁ ବେଶି ଦୂର ନୁହେଁ। ତେଣୁ ଭଲରେ ମନ୍ଦରେ ଅଯୋଧ୍ୟାବାସୀ ଚିତ୍ରକୂଟ ପର୍ବତକୁ ଚାଲି ଆସିବେ। ମାତ୍ର ଶ୍ରୀରାମ ତାହା ଚାହୁଁ ନଥିଲେ। ତେଣୁ ସେ ଜାଗା ପରିବର୍ତ୍ତନ କରିବାକୁ ଚାହିଁଲେ ଓ ଏହି କଥା ସେ ସୀତାମାତା ଓ ଅନୁଜ ଲକ୍ଷ୍ମଣଙ୍କୁ କହିଲେ।

ସେମାନେ ଚିତ୍ରକୂଟ ପର୍ବତ ଛାଡ଼ିଲେ।

ରତ୍ନାକର ଗର୍ଗବଟୁଙ୍କ ରାମାୟଣର ଗୋଟେ



ଚମତ୍କାର କଥା ହେଲା ଯେ ଏହା ଭାରତର ବିଭିନ୍ନ ପ୍ରାନ୍ତକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛି। ତାହା ଆମେ ଅରଣ୍ୟକ କାଣ୍ଡରେ ପାଇବା।

ଅରଣ୍ୟ ଭିତରେ ଚାଲୁ ଚାଲୁ ସେମାନେ ଅତି ଋଷିଙ୍କ ଆଶ୍ରମରେ ପହଂଚିଲେ। ଅତ୍ରି ଋଷି ରାମ ଲକ୍ଷ୍ମଣ ଓ ସୀତାଙ୍କୁ ଦେଖି ବହୁତ ଖୁସି ହେଲେ ଓ ଆଦର ସହକାରେ ସେମାନଙ୍କୁ ପାଖରେ ବସାଇ କୁଶଳ ମଙ୍ଗଳ ପଚାରିଲେ। ଅତ୍ରି ଋଷିଙ୍କ ପତ୍ନୀଙ୍କ ନାମ ଅନସୂୟା। ସତୀ ଅନସୂୟା ସୀତାଙ୍କୁ ଦେଖି ବହୁତ ଖୁସି ହେଲେ ଓ ଏକଥା କହି ସୀତାଙ୍କୁ ଖୁସି କଲେ ଯେ ତାଙ୍କ ପରି ପତିବ୍ରତା ନାରୀ ଏହି ଦୁନିଆରେ ନାହିଁ।

ଜଣେ ରାଜ୍ୟକନ୍ୟା ରାଜପ୍ରସାଦର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରି ପତିଙ୍କ ସହିତ ବଣ ଜଙ୍ଗଲରେ ବୁଲୁଛି ଏହାଠାରୁ ବଡ଼ ତ୍ୟାଗ ନଥାଇପାରେ।

ଅନସୂୟା ଦେବୀଙ୍କ ପ୍ରତି ଭକ୍ତି କଥା ସଂସାର ବିଦିତ। ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କୁ ଛୋଟ ଛୋଟ ପିଲା କରି ନିଜ ପାଖରେ ରଖିଥିଲେ। କେବଳ ସେତିକି ନୁହେଁ ନିଜ ଏକ ନିଷ୍ଠ ତପୋବନରେ ସେ ସଂସାରର ଅନେକ ହିତ ସାଧନା କରିଥିଲେ। ସୀତାଙ୍କ ସହିତ କଥାବାର୍ତ୍ତା କରି ଅନସୂୟା ଦେବି ବହୁତ ଖୁସି ହେଲେ ଓ ସେ ସୀତାଙ୍କୁ ଏକ ଅମ୍ଳାନ ବସ୍ତ୍ର ଦେଇ ସେ ସୀତାଙ୍କ ଆଶୀର୍ବାଦ କଲେ। ଅତ୍ରି ମୁନିଙ୍କ ଆଶ୍ରମରେ ରାମ ଲକ୍ଷ୍ମଣ ଓ ଜାନକୀ ଗୋଟିଏ ରାତି ରହିଲେ। ତା ପରଦିନ ସକାଳୁ ସକାଳୁ ନିତ୍ୟ କର୍ମ ସାରି ଋଷି ଓ ତାଙ୍କ ପତ୍ନୀଙ୍କଠାରୁ ବିଦାୟ ମାଗି ତାଙ୍କ ଯାତ୍ରା ଅବ୍ୟାହତ ରଖିଲେ।

ରାମ, ଲକ୍ଷ୍ମଣ ଓ ସୀତା ଦଣ୍ଡକ ବନରେ ପ୍ରବେଶ କଲେ। ଦଣ୍ଡକ ବନର ଶୋଭା ଅତ୍ୟନ୍ତ ମନୋହର ଥିଲା। ସେଠାରେ ଅନେକ ମୁନି ଋଷିଙ୍କର ଆଶ୍ରମ ଥିଲା।

ଶ୍ରୀରାମଙ୍କ ମନୋହର ରୂପ ଦେଖି ସେଠାର ଋଷିଗଣ ବିମୋହିତ ହୋଇଥିଲେ ଓ ଏ ବିଚାର ତାଙ୍କ ମନକୁ ଆସିଥିଲା- ସେମାନେ ଯୁବତୀ ହୋଇଥିଲେ ଶ୍ରୀରାମଙ୍କୁ ପତି ରୂପେ ବରଣ କରିଥାନ୍ତେ।

ଋଷିଗଣ ରାମ, ଲକ୍ଷ୍ମଣ ଓ ଜାନକୀଙ୍କ ସ୍ୱାଗତ କଲେ। ସେମାନଙ୍କ ଭୋଜନ ନିମନ୍ତେ ଫଳମୂଳ ଆଣିଦେଲେ। ସେମାନେ ଏକଥା ମଧ୍ୟ କହିଲେ ଯେ ଦଣ୍ଡକ ବନରେ ଅସୁରମାନେ ସେମାନଙ୍କୁ ବହୁତ ହଇରାଣ କରୁଛନ୍ତି। ସେମାନେ ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କଲେ- ଆପଣ ରାକ୍ଷସଙ୍କୁ ବଧ କରି ଆମକୁ ରକ୍ଷା କରନ୍ତୁ।

ରାମଚନ୍ଦ୍ର ଭାଇ ଓ ପତ୍ନୀଙ୍କ ସହିତ ଋଷିମାନଙ୍କ ଆଶ୍ରମରେ ଗୋଟିଏ ରାତି ରହି ତାପର ଦିନ ସକାଳୁ ନିଜର ଯାତ୍ରା ଅବ୍ୟାହତ ରଖିଲେ। ଜଂଗଲରେ ଯାତ୍ରା କଲାବେଳେ ସେମାନେ ଏକ ଭୟଙ୍କର ରାକ୍ଷସ ବିରାଧର ସାମ୍ନା କରିଥିଲେ। ସେ ରାକ୍ଷସ ରାମ ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କଲା ଶେଷକୁ ରାମ ବିରାଧ ଅସୁରକୁ ବଧ କଲେ।

ଯାତ୍ରାକାଳରେ ରାମ ଶରଭଙ୍ଗ ଆଶ୍ରମରେ ପ୍ରବେଶ କଲେଳ। ଶ୍ରୀରାମ ଓ ସୀତାଙ୍କ ଦର୍ଶନ ଲାଗି ଶରଭଙ୍ଗ ଋଷି ପ୍ରତୀକ୍ଷାରେ ଥିଲେ। ତାଙ୍କର ଦର୍ଶନ ପରେ ସେ ଦେହ ତ୍ୟାଗ କଲେ।

ଶ୍ରରାମଙ୍କ ବନବାସ କାଳରେ ସେ ଅନେକ ମୁନି ଋଷିଙ୍କୁ ଦେଖା କରିଥିଲେ। ନିଜେ ରାମ ମୁନି ଋଷିଙ୍କ ସହିତ ଦେଖାକରି ଖୁସି ହେଉଥିଲେ, ମୁନିଋଷିମାନେ ଶ୍ରୀରାମଙ୍କ ଦର୍ଶନ ପାଇ କୃତାର୍ଥ ହେଉଥିଲେ।

ଶ୍ରୀରାମ ପତ୍ନୀ ଜାନକୀ ଓ ଭ୍ରାତା ଲକ୍ଷ୍ମଣଙ୍କ ସହିତ ବଣରେ ଯାତ୍ରା କରୁଥିବା ସମୟରେ ଫଲଗୁ ନଦୀ କୂଳରେ ପହଂଚିଲେ। ଶ୍ରୀରାମ ତିଥିବାର ଗଣନା କରି ଜାଣିପାରିଲେ ଯେ ପିତା ଦଶରଥଙ୍କ ଶ୍ରାଦ୍ଧ ଆଗତ। ତେଣୁ ସେ ଫଲଗୁ ନଦୀ କୂଳରେ ପିତୃଶ୍ରାଦ୍ଧ ଦେବାକୁ ମନସ୍ଥ କଲେ। ରାମାୟଣ କଥା ଆଗକୁ ଜାରି ରହିବ। ଜୟ ଶ୍ରୀରାମ।

(କ୍ରମଶଃ)

ଏକାଗ୍ରତା

କନ୍ଦର୍ପ ବେହେରା



ଥରେ ମହର୍ଷି ବ୍ୟାସ ତାଙ୍କର ପୁତ୍ର ଶୁକଙ୍କୁ ରାଜା ଜନକଙ୍କ ପାଖକୁ ପଠାଇଲେ । ରାଜା ଜନକଙ୍କଠାରୁ ତାଙ୍କ ପୁତ୍ର ଦୀକ୍ଷା ଗ୍ରହଣ କରିବେ । ଶୁକ ରାଜଭବନ ପାଖକୁ ଗଲେ । ରାଜଭବନ ପାଖରେ ଥିବା ଦ୍ୱାର ପାଖକୁ ଯାଇ ନିର୍ବିକାର ଭାବରେ ଠିଆ ହେଲା । ବାଳକ ଜଣଙ୍କ କଣ ପାଇଁ ଠିଆ ହୋଇଛି କେହି ବି ଜାଣି ପାରିଲେ ନାହିଁ ।

କିଛି ସମୟ ସେମିତି ଠିଆ ହେବା ପରେ ଜଣେ ବ୍ୟକ୍ତି ଆସନଟିଏ ଧରି ଆସିଲେ । ବାଳକକୁ କିଛି ବି ନ କହି ଆସନଟି ଥୋଇଦେଲେ ସେଠାରେ । ଶୁକ ଆସନ ଉପରେ ବସି ପଡିଲା । ଏମିତି ଦୁଇଦିନ କାଳ ଶୁକ ସେମିତି ନିର୍ବିକାର ଭାବରେ ବସି ରହିଥାଏ । ରାଜ ଦରବାବରେ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । କେହି ବି ବ୍ୟକ୍ତି ଆସି ତାକୁ ପଚାରି ବୁଝୁ ନାହାନ୍ତି ତୁମେ କାହାକୁ ଭେଟିବାକୁ ଆସିଛ । କଣ କାମ ଦରକାର ତୁମର ? ଶୁକ କିଛି କଥା ନ କହି ସେମିତି ବସିଥାନ୍ତି ।

କିଛି ଦିନ ପରେ ଜଣେ ବ୍ୟକ୍ତି ଆସିଲେ ବାଳକ ପାଖକୁ । ବାଳକଟି ସେମିତି ନିର୍ବିକାର ଭାବରେ ବସିଥିବା ଦେଖି ତାଙ୍କୁ ରାଜଭବନ ଭିତରକୁ ନେଇଗଲେ । ବହୁ ଦିନ ପର୍ଯ୍ୟନ୍ତ ରାଜଭବନରେ ବାଳକ ଶୁକ ସେମିତି ଏକୁଟିଆ ରହିଲେ । ରାଜଭବନ ପରିସରରେ ସମସ୍ତ ପ୍ରକାର ସୁଖସୁବିଧା ମଧ୍ୟ ତାଙ୍କୁ ଦିଆଗଲା । ହେଲେ ବାଳକଟିର କୌଣସି ପ୍ରକାର ପରିବର୍ତ୍ତନ ଦେଖାଗଲା ନାହିଁ । ସେମିତି ବସି ରହିଥାଏ ବାଳକଟି ।

ଶେଷରେ ଜଣେ ମନ୍ତ୍ରୀ ବାଳକ ପାଖକୁ ଆସିଲେ । କହିଲେ ରାଜା ଜନକ ତୁମକୁ ଯିବା ପାଇଁ କହିଛନ୍ତି । ତୁମେ ମୋ ସାଥିରେ ଆସ । ମନ୍ତ୍ରୀ ବାଳକକୁ ରାଜା ଜନକ ପାଖକୁ ନେଇଗଲେ ।

ରାଜା ବାଳକଟି ଆସିଥିବାରୁ ତାକୁ ପରୀକ୍ଷା କରିବା ପାଇଁ ପାଣି ଭର୍ତ୍ତୀ ଏକ କଳସ ହାତରେ ଦେଇ କହିଲେ, ରେ ବାଳକ ତୁମେ ଏଇ କଳସଟି ଧରି ରାଜଭବନ ଚାରିପଟେ ସାତଥର ବୁଲି ଆସ । ଯେମିତି ପାଣି ଭର୍ତ୍ତୀ କଳସରୁ ବୁନ୍ଦାଏ ବି ପାଣି ତଳେ ପଡି ନ ଯାଏ ।

ରାଜା ଜନକଙ୍କ କଥାରେ ବାଳକଟି ରାଜି ହୋଇଗଲା । ହାତରେ ପାଣି ଭର୍ତ୍ତୀ କଳସକୁ ଧରି ରାଜଭବନ ଚାରିପଟେ ସାତଥର ବୁଲିଲା । ଶେଷରେ ରାଜା ଜନକଙ୍କ ପାଖକୁ ଆସିଲେ । ବାଳକ ଶୁକ ରାଜା ଜନକଙ୍କ ପାଖକୁ ଯାଇ କହିଲା - ମହାରାଜ ! ଆପଣଙ୍କର ଆଦେଶ ଅନୁଯାୟୀ ପାଣି ବୁନ୍ଦାଏ ବି ତଳେ ପକାଇ ନାହିଁ । ରାଜା ଦେଖିଲେ ଯେ , ବାଳକର ଚେହେରାରେ ଟିକିଏ ପରିବର୍ତ୍ତନ ହୋଇଯାଇଛି । ଆଉ ମୁଁ କହିଥିବା ନିର୍ଦ୍ଦେଶକୁ ସେ ପାଳନ କରିଛି । ମନ ଭିତରେ ସନ୍ତୋଷଭାବ ଥିବାର ରାଜା ଅନୁମାନ କଲେ । ବାଳକ ଠାରୁ କଳସକୁ ରାଜା ଗ୍ରହଣ କରି କହିଲେ ପୁତ୍ର , ବ୍ୟାସ ମୁନି ଯେଉଁ ଶିକ୍ଷା ଗ୍ରହଣ କରିବାକୁ ତୁମକୁ ମୋ ପାଖକୁ ପଠାଇଥିଲେ ଏବେ ତାହା ପୂର୍ଣ୍ଣ ହୋଇଯାଇଛି । ବର୍ତ୍ତମାନ ତୁମର ଆଉ ଜ୍ଞାନର ଆବଶ୍ୟକତା ନାହିଁ ।

ଶୁକ କହିଲା- ମହାରାଜ ଆପଣଙ୍କ ଆର୍ଶୀବାଦ ହିଁ ମୋତେ ବହୁ ଶିକ୍ଷା ଦେଇଛି ।

ରାଜା ଜନକ କହିଲେ - ମୁଁ ଏକ ସପ୍ତାହ ହେଲା ତୁମର ପରୀକ୍ଷା କରୁଥିଲି । ଦୁଃଖ ଏବଂ ସୁଖ ଦଶା ତୁମ ପାଖରେ ଥିବାର ମୁଁ ଦେଖିପାରିଲି ନାହିଁ । ତୁମ ବ୍ୟବହାର ଅତିସରଳ ସ୍ୱଭାବ । ମୋହମାୟା , କ୍ରୋଧ , ଲୋଭ , ଅହଂକାର ଏବଂ ସୁଖ , ଦୁଃଖ ଆଦି ସବୁ ତୁମ ପାଖରେ ନାହିଁ । ତେଣୁ ତୁମେ ଆଜି ମୋର ପରୀକ୍ଷାରେ ବିଜୟ ଲାଭ କରିଛ ।

ଏକାଗ୍ରତା ହିଁ ଜୀବନର ଶେଷ ଦୀକ୍ଷା ବୋଲି ଭାବିବାକୁ ହେବ । ମୋର ବିଶ୍ୱାସ ତୁମେ ତୁମର ପିତା ବ୍ୟାସ ଏବଂ ସମାଜର ଗରୀବ , ଖଟିଖିଆ, ଦୀନହୀନ ମାନଙ୍କର ସେବା କରିବ ।

କବି କୁଟୀର , ସା/ପଡୋ-ଡଇଁଚା
,ଭାୟା-ରେଡାଖୋଲ, ଜି-ସମ୍ବଲପୁର ,
ପିନ୍-୭୬୮୧୦୬ ,
ମୋ-୭୦୭୭୫୭୯୩୧୭

ଭାବକୁ ନିକଟ ,ଅଭାବକୁ ଦୂର

ନଗେନ୍ଦ୍ର ନାଥ ପଟ୍ଟନାୟକ



ସନ୍ଥ ଖୟାମ ଥରେ ଜଣେ ଶିଷ୍ୟଙ୍କୁ ସାଙ୍ଗରେ ଘେନି ବିହଡ ଘଂଚ ଜଙ୍ଗଲ ଦେଇ କୁଆଡେ ଯାଉଥିଲେ । ଜଙ୍ଗଲ ବାଟ ଦେଇ ଯାଉ ଯାଉ ମଝିରେ ତାଙ୍କର ନମାଜ ପଢିବାର ସମୟ ଉପଗତ ହେଲା । ସେ ଦୁହେଁଯାକ ସେଇଠି ବସିପଡିଲେ ନମାଜ ପାଠ କରିବା ପାଇଁ । ଏତିକିବେଳେ ମହାବଳ ସିଂହର ଭୟଙ୍କର ହେଂଟାଳ ଶବ୍ଦ ଶିଷ୍ୟ କାନରେ ବାଜିଲା । ଆଖି ପିଛୁଳାକେ ସୁ ସୁ ଗର୍ଜନ କରି ସିଂହଟି ସେମାନଙ୍କ ଆଡକୁ ମାଡି ଆସୁଥିବା ଦେଖାଗଲା । ଶିଷ୍ୟ ଜଣକ ଭୟରେ ଜଡସଡ ହେଇ ଗୋଟାପଣ ଥରିବାକୁ ଲାଗିଲା । କଣ କରିବ ବୋଲି ବୁଦ୍ଧି ବାଟ କିଛି ଶିଷ୍ୟ ମୁଣ୍ଡକୁ ଜୁଟିଲା ନାହିଁ । ହଡବଡେଇ ଯାଇ ସେ ପ୍ରାଣ ବିକଳରେ ନିକଟସ୍ଥ ଗଛ ଉପରକୁ ଧଡାସକିନା ଚଢିଗଲା । ସେପଟେ କିନ୍ତୁ ଖୟାମ ଖୁବ୍ ଶାନ୍ତ ଓ ଅବିଚଳିତ ହେଇ ବସିରହିଲେ । ମନପ୍ରାଣ ଦେଇ ନମାଜ ପାଠ କରିବାରେ ମଜ୍ଜିଗଲେ । ମହାବଳ ସିଂହ ସେଇଠେ ଆସିଲା ସିନା କିନ୍ତୁ ଚୁପଚାପ ଆଗକୁ ଚାଲିଗଲା । ସେଠୁ ସେ ପଳାଇଯିବାର ଅଳ୍ପ ସମୟ ପରେ ଶିଷ୍ୟ ଗଛରୁ ଭୁସକିନା ଓହ୍ଲାଇ ପଡିଲା । ତାପରେ ଦୁହେଁଯାକ ନମାଜ ପାଠ ସାରି ଆଗକୁ ବଢିଲେ । ଏହାର ଅଳ୍ପ ସମୟ ଭିତରେ ସନ୍ଥ ଖୟାମକୁ ଯେତେବେଳେ ମାଛିଟିଏ କାମୁଡିଲା ସେ ଆଉ ନିଜକୁ ସମ୍ଭାଳି ପାରିଲେନି । ସଙ୍ଗେ ସଙ୍ଗେ ସେ ଗାଲରେ ଶକ୍ତ ଚାପୁଡାଟିଏ କଷିଦେଲେ ତାକୁ ମାରିଦେବା ଉଦ୍ଦେଶ୍ୟରେ । ଏହା ଦେଖି ଶିଷ୍ୟଟି ଚଟକିନା କହିପକାଇଲା - ଗୁରୁଦେବ, ମୋର ଦୃଷ୍ଟତାକୁ ଆପଣ କ୍ଷମା କରିଦେବେ । ଦୟାକରି ମୋ ମନରେ ଉଙ୍କିମାରିଥିବା ଜିଜ୍ଞାସାର ସମାଧାନ କରନ୍ତୁ । ମୋ ମନର ଶଙ୍କାକୁ ଆପଣ ଅନୁଗ୍ରହପୂର୍ବକ ଦୂର କରନ୍ତୁ । ଏବେ ଏବେ ଟିକକ ଆଗରୁ ଆପଣଙ୍କ ନିକଟକୁ ହିଂସ୍ର ବାଘଟିଏ ଗର୍ଜନ ତର୍ଜନ କରି ମାଡିଆସିଲା । ସେତେବେଳେ ଆପଣ ତ ବିଲକୁଲ ଘାବରେଇ ଗଲେନି । ଟିକେ ବି ହଲଚଲ କି ହୁଁ କି ଚୁଁ ହେଲେନି । ଅଥଚ ଛାର ମାଛିଟିଏ କାମୁଡିଲା ବେଳକୁ ଆପଣଙ୍କ ମୁଣ୍ଡକୁ ପିତ ଚହଟିଗଲା କାହିଁକି । ରାଗିପାଟି ନିଆଁବାଣ ହୋଇଗଲେ କିଆଁ । ତହୁଁ ସନ୍ଥ ଖୟାମ ଧୀର ,ପ୍ରଶାନ୍ତ ଚିତରେ ମୁହଁ ଫିଟାଇଲେ-ତୁମେ ଶିଷ୍ୟ ଏକଦମ୍ ଠିକକଥା କହିଛ । କିନ୍ତୁ ତୁମେ ଗୋଟିଏ କଥା ମନରୁ ପୂରାପୂରି ପାସୋରିଯାଇଛ । ଯେତେବେଳେ ସେ ମହାବଳ ସିଂହଟି ସେଠାକୁ ଝପଟି ଆସିଥିଲା ମୁଁ ଖୋଦ୍ ଖୁଦା ବା ଈଶ୍ୱରଙ୍କ ସାଥୀରେ ଥିଲି । ପରନ୍ତୁ ମାଛିଟି ମତେ ଦଂଶିଲା ବେଳକୁ ଜଣେ ସାଧାରଣ ମଣିଷ ଜୀବ ପାଖରେ ଥିଲି । ଖାସ୍ ଏଇ କାରଣରୁ ସିଂହଟି ଆସୁଥିବାର ଖବର ମୋ କାନଯାଏ ପହଁଚି ପାରିନଥିଲା ।

+୯୯୯-୩,ଜଗମୋହନ ନଗର, ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

କବିତା

ତୁମ ପାଇଁ

ଆରବ୍ ପାଇଁ ନାନାବାୟା

ନୀଳମଣି ଚାନ୍ଦ

ପାଣିଜାହାଜ ପାଣିଜାହାଜ
ବନ୍ଦର ଆଡ଼େ ଆ'
ଅଝଟ କରେ ଆରବ୍ ଏଠି
ବୁଲେଇ ନେଇ ଯାଆ
ସମୁଦ୍ର ସିଏ ଦେଖୁ

ନାଆଁ ଆରବ ସାଗର ଜାଣି
ଟିପାଖାତାରେ ଲେଖୁ ।
ଆଶ୍ଚର୍ଯ୍ୟ ଲାଗେ ଏଇ କଥାଟି
ଦିଶୁରେ ତୁହି ଯେତେ
ପାଣି ଭିତରେ ବୁଡ଼ିଛି ତୋ'ର
ଦି ସେତିକି ସତେ
ଇଏ ବିଜ୍ଞାନ କଥା

ଏ କଥା ଶୁଣି ଘୂରିଯିବରେ
ଆମ ଆରବ୍ ମଥା ।
ବଡ଼ ହେଲେ ସେ କପ୍ତାନ ହେବ
ତୋତେ ସାଙ୍ଗରେ ନେବ
କେତେ ସାଗର କେତେ ଦ୍ୱୀପଟି
ବୁଲି ଦେଖେଇ ଦେବ
ଏ କଥା ରଖ ମନେ
ତୋ ଉପକାର ଦେବରେ ଶୁଝି
ସିଏ ଦିନେ ନା ଦିନେ ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

ଭଲ ପିଲା ଆମେ ହେବା

ଆଦ୍ୟାଶା ମହାପାତ୍ର

ଏ ମାଟିର ଆମେ ସଭିଏଁ ସନ୍ତାନ
ସେନେହ ସମ୍ପର୍କେ ବନ୍ଧାଥିବା
ଆମରି ଭିତରେ ନାହିଁ ଭେଦଭାବ
ଭଲ ଗୁଣ ଯେତେ ଆଚରିବା ।

ମନ ଥିବ ଆମ ସଦା ନିରିମଳ
କପଟତା ଭାବ ନରଖିବା
ସତ୍ୟ ଅହିଂସାର ପଥ ଅନୁସରି
ଦୁନିଆକୁ ବାଟ ଦେଖାଇବା ।

ପରିବେଶ କଥା ମନରେ ରଖିବା
ସାଙ୍ଗ ସାଥି ଆମେ ମେଳି ହେବା
ଘର ବା ବାହାର ସଡକ ଗୋଚର
ସବୁବେଳେ ସଫା ରଖୁଥିବା ।

ପିତା ମାତା ଆମ ଈଶ୍ୱର ସମାନ
ଉପଦେଶ ତାଙ୍କ ମାନୁଥିବା
ଗୁରୁଙ୍କ କଥାକୁ ଶୁଣିବା ଆଗ୍ରହେ
ପାଠ ପଢି ଭଲ ପିଲା ହେବା ।

ବିପଦରେ କେହି ସାହାରା ମାଗିଲେ
ସାହାଯ୍ୟର ହାତ ବଢ଼ାଇବା
ଏ ଦେଶ ମାଟିର ଟେକ ରଖିବାକୁ
ମନ ପ୍ରାଣେ ସଦା ବ୍ରତୀ ହେବା ।

+ନୂଆପଡା,କଟକ

ଶିଶୁର କାନ୍ଦ

ଦିବାକର ନାୟକ



ଛୁଆଟେ ସିନା ଆଖିକୁ ଛୋଟ
କ'ଣ କରି ନ ପାରେ
କାନ୍ଦରେ ତା'ର କେତେ ଯେ ଅର୍ଥ
ମା' ଏକା ବୁଝିପାରେ ।
ଭୋକ କି ଶୋଷ ଲାଗଇ ଯେବେ
କାନ୍ଦଇ ରାହା ଧରି
କ୍ଷୀର ଟିକିଏ ପିଆଇ ଦେଲେ
ଶୋଇ ଯାଏ ସେ ଥିରି ।
ଶେଯରେ ଯେବେ ଏକ କି ଦୁଇ
କରିଲେ କାନ୍ଦେ ସିଏ
ସଫା କରି କି ଭିଜା କପଡା
ବଦଳାଇବାକୁ ହୁଏ ।
ପିମ୍ପୁଡ଼ି ଜନ୍ଦା ମଶା କି ମାଛି
ଯେବେ କାମୁଡ଼ି ଦିଏ
କାନ୍ଦ ଶୁଣି କି ଘଉଡାଇଲେ
ଆରାମ ଟିକେ ପାଏ ।
ପେଟ କାଟିଲେ, ଆଘାତ ହେଲେ
ଖୁବ୍ ଜୋରରେ କାନ୍ଦେ
ଔଷଧ ଟିକେ ଖୁଆଇ ଦେଲେ
ଶୋଇଯାଏ ସେ ନିଦେ ।
ଝାଡ଼ା କଠିନ ହେଲେ ବି କେବେ
କାନ୍ଦେ ସେ କଷ୍ଟ ପାଇ
କେଉଁଠି ଟିକେ କୁଣ୍ଡେଇ ହେଲେ
ଚାହେଁ କାନ୍ଦିବା ପାଇଁ ।
ପେଟରେ ବାୟୁ ହେଲେ ବି ତାକୁ
ଅଡୁଆ ଲାଗେ ଭାରି
ଦୁଇ ଗୋଡ଼କୁ ସାଇକେଲର
ମାର ପେଡାଲ୍ ପରି ।
କାହାକୁ ସିଏ କରିଲେ ଇଚ୍ଛା
ମନେ ପକାଇ କାନ୍ଦେ
ମା ଅବା ସେଇ ଲୋକ ଧରିଲେ
ହସିଦିଏ ସେ ମନ୍ଦେ ।
ଶିଶୁର କାନ୍ଦ ବୁଝି ନ ହେଲେ
କାନ୍ଦେ ବି ଡରିଗଲେ
ତୁନି କି ଶୁଏ ଶ୍ରଦ୍ଧାରେ ଟିକେ
ଛାତିରେ ହାତ ଦେଲେ ।
ଶିଶୁର ଦାନ୍ତ ଉଠିଲାବେଳେ
କାନ୍ଦିଥାଏ ସେ ପୁଣି
ଶିଶୁର ଯତ୍ନ ସବୁଠୁ ଆଗ
ସେ ପରା ହୃଦୟ-ମଣି ।

+ପାଟପୁର, କନିସି-୭୬୧ ୦୦୮
ଗୋଳନ୍ତୁରା, ଗଞ୍ଜାମ

ଛୋଟ ଶିଶୁଟିଏ

ଅଶୋକ କୁମାର ପ୍ରଧାନ

ଟିକି ଟିକି ତା'ର ଆଖି ଯୋବିକରେ
କେ ଭରିଛି ଏତେ କଥା
ନିରେଖି ଦେଖିଲେ ଫୁଲି ଉଠେ ଛାତି
ଆପେ ଉଠିଯାଏ ମଥା ।

କଇଁ ଫୁଲିଆ ତା କଅଁଳ ମୁହଁରେ
କେ ଭରିଛି ଏତେ ହସ
ପିଲା ଠାରୁ ବୁଢା ତା ଟିକି ହସରେ
ସଭିଏଁ ହୁଅନ୍ତି ବଶ ।

ଥୁକୁଲୁ ଥାକୁଲୁ ପାପୁଲି ଦୁଇଟା
ତୁଳାଠୁ ନରମ ଲାଗେ
ତା ହାତ ଧରିଲେ କୋଟିଏ ସପନ
ସବୁ ମନ ତଳେ ଜାଗେ ।

ଟୁରୁଟୁରୁ ତା'ର ପାଦ ଦୁଇଟାକୁ
ଅଟକାଇବ ସେ କିଏ
କୋଟିଏ ଦୁଃଖ ସେ ଧୋଇଦିଏ ହସି
ତାକୁ ଯେ ପାଛୋଟି ନିଏ ।

ସିଏ ହସି ଦେଲେ ହସେ ପରିବାର
ହସଇ ଜଗତ ମନ
ତାକୁ ପାଇବାକୁ ସଭିଏଁ ବିକଳ
ସବୁରି ସେ ପ୍ରାଣ ଧନ ।

ଛୋଟ ଶିଶୁ ସିଏ ଯାହା ଘରେ ତା'ର
ପାଦ ପଡିଯାଏ ଆସି
ସେ ଘରେ ଉଅଇଁ ଖୁସିର ପୁନିଅଁ
ଦିବାନିଶି ବାରମାସୀ ।

+ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

ଚଳିତ ଶତାବ୍ଦୀର ସବୁଠୁ ବଡ଼ ଦୁର୍ନୀତି ହେଉଛି 'ବିଜୁଳି ଦୁର୍ନୀତି' : ବିଜେପି

ଭୁବନେଶ୍ୱର,୨୭/୦୫ (ନି.ପ୍ର): ଆଧୁନିକ ସଭ୍ୟତାରେ ବିଦ୍ୟୁତ ଶକ୍ତିର ବିନା ବିନିଯୋଗରେ କୌଣସି ଅର୍ଥନୀତି ସୁଦୃଢ ହୋଇପାରିବ ନାହିଁ। ମାର୍ଚ୍ଚ ଶେଷ ସୁଦ୍ଧା ୧୬୮ ମିଲିୟନ ଟନର କୋଇଲା ଉତ୍ପାଦନ କରି ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଖଣି ଠାରୁ ପାଣି, ଚିଟଫଣ୍ଡଠାରୁ ବିଦ୍ୟୁତ ଦୁର୍ନୀତିରେ ରାଜ୍ୟ ସରକାର ସିଧହସ୍ତ ହାସଲ କରିଛନ୍ତି। ଓଡ଼ିଶାର ସବୁଠାରୁ ବଡ଼ ଦୁର୍ନୀତି ହେଉଛି ବିଦ୍ୟୁତ୍। ବିଦ୍ୟୁତ୍ ସଂସ୍କାର ଆଣିବାରେ ଓଡିଶା ପ୍ରଥମ ରାଜ୍ୟ ହୋଇଥିବାବେଳେ ଆଜି ସଂସ୍କାର ନାମରେ କୋଟି କୋଟି ଟଙ୍କା ଉପଭୋକ୍ତାଙ୍କଠାରୁ ଲୁଟ୍ କରାଯାଉଛି । ଓଡ଼ଶା କୋଇଲା ଉତ୍ପାଦନରେ ଏକ ନମ୍ବର ରାଜ୍ୟ ହୋଇ ମଧ୍ୟ ଗ୍ରାହକମାନେ ବିଦ୍ୟୁତ ପାଇବାରୁ ବଂଚିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡ଼ିଶାରରୁ ଜମି, କୋଇଲା, ପାଣି ନେବା ସହ ଓଡ଼ିଶାକୁ ପ୍ରଦୂଷିତ ମଧ୍ୟ କରାଯାଉଛି। ବିଭିନ୍ନ କମ୍ପାନୀମାନେ ଓଡ଼ିଶାରୁ ସବୁ ସଂପଦ ନେଇ ମଧ୍ୟ ସୁଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଉନାହାନ୍ତି। ଚଳିତ ଶତାବ୍ଦୀର ସବୁଠୁ ବଡ ଦୁର୍ନୀତି ହେଉଛି ବିଜୁଳି ଦୁର୍ନୀତି ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ୧୯୯୯ରେ ନବୀନ ବାବୁ କ୍ଷମତାକୁ ଆସିବାଠାରୁ ଆଜି ପର୍ଯ୍ୟନ୍ତ ସାଧାରଣ ଗ୍ରାହକଙ୍କ ପାଇଁ ୧୩୭% ବିଦ୍ୟୁତ ଶୁଳ୍କ ବୃଦ୍ଧି ଘଟିଛି। ୧୯୯୯-୨୦୦୦ ମସିହାରେ ୫୦ୟୁନିଟ୍ ପର୍ଯ୍ୟନ୍ତ ଲୋକେ ୧ଟଙ୍କା ୨୦ପଇସା କିନ୍ତୁ ୨୦୨୨ବେଳକୁ ୩ଟଙ୍କା ୟୁନିଟ୍ ପ୍ରତି ଦେଉଛନ୍ତି। ସେହିପରି ୪୦୦ ୟୁନିଟ୍‌ରୁ ଅଧିକ ବ୍ୟବହାର କଲେ ୨ଟଙ୍କା ୮୦ ପଇସାରୁ ବୃଦ୍ଧି ପାଇଁ ୬ଟଙ୍କା ୨୦ପଇସାରେ ପହଂଚିଲାଣି। କ୍ଷୁଦ୍ର ଓ ଅଣୁ ସଂସ୍ଥାଗୁଡ଼ିକ ଉପରେ ୧୧୧%, ଶିଳ୍ପରେ ୧୦୬% ବୃଦ୍ଧି ଘଟିଛି। ଗତ ୧୦ବର୍ଷ ଭିତରେ ଓଡ଼ିଶା ବିଦ୍ୟୁତ ବଂଟନ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ଖର୍ଚ୍ଚ ହୋଇଥିବା ୨୦ହଜାର କୋଟି ସଠିକ ଭାବେ ବ୍ୟୟ ହୋଇନାହିଁ। ମାତ୍ର ୭୦୦ କୋଟି ଟଙ୍କାରେ ୫୧ ପ୍ରତିଶତ ମାଲିକାନା ହୋଇଛି ଟାଟା ପାୱାର । ସିଏଜି ଏହି ପୁଞ୍ଜିବ୍ୟୟ ଉପରେ ଆପତି ଆଣିଛି। ବିଦ୍ୟୁତ ଶୁଳ୍କରେ ଅନିୟମିତତା ଏବଂ ଜାଣିଶୁଣି ନିଅଂଟିଆ ପରିସ୍ଥିତି ସୃଷ୍ଟି କରାଯାଇ ଅଘୋଷିତ ବିଦ୍ୟୁତ କାଟ୍ କରାଯାଉଛି । ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ସଚିବ ଶକ୍ତି ବିଭାଗରୁ ଡେପୁଟେସନରେ ନିଯୁକ୍ତ ଅଛନ୍ତି । ଅନ୍ୟ ପକ୍ଷରେ ବାହାର ରାଜ୍ୟମାନଙ୍କରେ ଆଇଏଏସ୍ ଅଫସରମାନେ ଏହି ପଦବୀରେ କାର୍ଯ୍ୟ କରିଥାନ୍ତି। ୧୯୯୭ମସିହାରେ ଏହି ଆୟୋଗର ଚାକିରି ସଂସ୍ଥାବଳୀ ଅନୁଯାୟୀ ଆୟୋଗରେ ୨୭ଟି ପଦବୀ ରଖାଯାଇଥିଲା। ଏବେ ଗ୍ରାହକଙ୍କ ସଂଖ୍ୟା ୧୦ଗୁଣ ବୃଦ୍ଧି ଘଟିଛି କିନ୍ତୁ ପଦବୀ ସଂଖ୍ୟା ୨୭ରୁ ୧୩କୁ ଖସିଛି। ବିଜୁଳି ବିଲ୍‌ରେ ୩ଟି ସ୍ଲାବ ଥାଏ ଏବଂ ପ୍ରତ୍ୟେକ ସ୍ଲାବ ପାଇଁ ଭିନ୍ନ ଭିନ୍ନ ଦର ଧାର୍ଯ୍ୟ ହୋଇଛି। ଗ୍ରାହକମାନେ ମାସିକିଆ ବଦଳରେ ୨୫-୨୭ ଦିନିଆ ହିସାବରେ ବିଲ୍ ପାଉଛନ୍ତି। ଫଳରେ ଉଚ୍ଚତର ସ୍ଲାବରେ ଦେୟ ପୈଠ କରି ପ୍ରତି ଗ୍ରାହକ ପ୍ରାୟ ମାସିକ ପାଖାପାଖି ୪୨ଟଙ୍କାର କ୍ଷତି ସହୁଛନ୍ତି। ୯୫ଲକ୍ଷ ଗ୍ରାହକଙ୍କୁ ହିସାବକୁ ନେଲେ ମାସିକ ଏବାବଦରେ ହାରାହାରି ୪୦କୋଟି ଟଙ୍କାର ହରିଲୁଟ୍ ହେଉଛି।

୨୦୨୧ ମସିହା ଏପ୍ରିଲ ତୁଳନାରେ ୨୦୨୨ ଏପ୍ରିଲରେ ହୀରାକୁଦ, ରେଙ୍ଗାଳୀ, ଅପରକୋଲାଭରେ ଜଳସ୍ତର ବୃଦ୍ଧି ପାଇଥିଲା। ବାଲିମେଳା, ଇନ୍ଦିରାବତୀ ଓ ମାଛକୁଣ୍ଡରେ ଜଳପତନ ସାମାନ୍ୟ ହ୍ରାସ ପାଇଥିଲା। ଅଥଚ ରାଜ୍ୟର ଜଳ ବିଦ୍ୟୁତ ଉତ୍ପାଦନ କ୍ଷମତା ୨୦୯୯.୫ ମେଗାୱାଟର ମାତ୍ର ୩୩% ବିଜୁଳି ଉତ୍ପାଦନ ହେଲା। ସେହିପରି ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା ୨୨ଶହ ମେଗାୱାଟ ଥିବାବେଳେ ଉତ୍ପାଦନ ହେଉଛି ମାତ୍ର ୪୧% ବା ୯୦୩.୮୦ମେଗାୱାଟ। ଖରା ସମୟରେ ବିଦ୍ୟୁତ ଚାହିଦା ଅଧିକ ଥିବାବେଳେ ଓପିଜିସି ଇବ୍ ତାପଜ ବିଦ୍ୟୁତ କେନ୍ଦ୍ର ଷ୍ଟେଜ-୨ର ମରାମତି ଆଳରେ ୬୬୦ମେଗାୱାଟ ବିଦ୍ୟୁତ ଉତ୍ପାଦନ ବନ୍ଦ କରିଦିଆଯାଇଛି। ଜନସାଧାରଣଙ୍କଠାରୁ ବର୍ଷ ବର୍ଷ ଲୁଟ କରାଯାଇଥିବା ଅର୍ଥକୁ ଫେରସ୍ତ ଦେବାକୁ ଦାବୀ ଜଣାଇବା ସହିତ ରାଜ୍ୟ ସରକାର ବିଦ୍ୟୁତ ସଂସ୍କାରକୁ ଠିକଣାଭାବେ କାର୍ଯ୍ୟକାରୀ କରି ଜନସାଧାରଣଙ୍କୁ ସୁଲଭ, ନିରବଚ୍ଛିନ. ଉଚ୍ଚ ଗୁଣାତ୍ମକ ବିଦ୍ୟୁତ ଯୋଗାଇ ଦେବାକୁ ବିଜେପି ଦାବୀ କରୁଛି । ନଚେତ ରାଜ୍ୟସରକାରଙ୍କ ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ବ୍ୟାପକ ଗଣଆନ୍ଦୋଳନ କରାଯିବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି । ଏହି ଅବସରରେ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ସହମୁଖ୍ୟ ସୁଜିତ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

୩୦ ହଜାର ଅଲିଭ୍ ରିଡ୍‌ଲେ ଟ୍ୟାଗିଂ

ଭୁବନେଶ୍ୱର ,୨୭/୦୫ (ନି.ପ୍ର): ଓଡ଼ିଶା ଉପକୂଳରେ ୩୦ ହଜାର ଅଲିଭ୍ ରିଡ୍‌ଲେଙ୍କ ଟ୍ୟାଗିଂ କରାଯାଇଛି। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ସହ ଏହି ବିରଳ ପ୍ରଜାତିକୁ ଚିହ୍ନଟ କରିବା ଲାଗି ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅଧୀନ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜେଡ୍‌ଏସ୍‌ଆଇ) ଦ୍ୱାରା ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କୋଲକାତାସ୍ଥିତ ଜେଡ୍‌ଏସ୍‌ଆଇ ସହ ବ୍ରହ୍ମପୁର, ରାଜନଗର, ପୁରୀ ଓ ଭଦ୍ରକ ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ କଇଁଛଙ୍କ ଡେଣାରେ ଟ୍ୟାଗିଂ ହୋଇଛି। ଏଥିସହ ଅଲିଭ୍ ରିଡ୍‌ଲେଙ୍କ ସମୂହ ଅଣ୍ଡାଦାନଠାରୁ ଆରମ୍ଭ କରି ଶାବକଙ୍କ ସମୁଦ୍ର ଯାତ୍ରା ପର୍ଯ୍ୟନ୍ତ ଏକ ଉଚ୍ଚକୋଟିର ଡକ୍ୟୁମେଣ୍ଟାରି ମଧ୍ୟ ପ୍ରସ୍ତୁତ କରାଯାଇଛି। ୭ ମିନିଟ୍ ୧୮ ସେକେଣ୍ଡର ଏହି ଡକ୍ୟୁମେଣ୍ଟାରିରେ ଓଡ଼ିଶାକୁ କଇଁଛଙ୍କ ଆଗମନଠାରୁ ଅଣ୍ଡାଦାନ, ଛୁଆ ଫୁଟିବା, ଶାବକ ସମୁଦ୍ରକୁ ଯିବା ପର୍ଯ୍ୟନ୍ତ ସମସ୍ତ ବିଷୟ ଅତି ଚମତ୍କାର ଭାବେ ଦୃଶ୍ୟମାନ ହୋଇଛି। ଭିଡିଓରେ କୁହାଯାଇଛି ଯେ ଦେଶର ପୂର୍ବତଟରେ ଥିବା ଓଡ଼ିଶା ଉପକୂଳ ସମୁଦ୍ରତଟରେ ଏହି ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ ଦେଖାଯାଇଥାନ୍ତି। ବଙ୍ଗୋପସାଗର ଜଳରାଶିରେ ହଜାର ହଜାର କିମି ବାଟ ଅତିକ୍ରମ କରି ଶୀତ ଋତୁରେ ଏହି ବିଦେଶାଗତ ଓଡ଼ିଶା ଉପକୂଳ ସାମୁଦ୍ରିକ ଜଳରାଶିକୁ ଆସିଥାନ୍ତି। ଏମାନଙ୍କ ଆଗମନ ମୁଖ୍ୟତଃ ଓଡ଼ିଶାର ତିନୋଟି ସ୍ଥାନକୁ ହୋଇଥାଏ। ଗହିରମଥା, ଦେବୀ ମୁହାଣ ଓ ଋଷିକୂଲ୍ୟା ମୁହାଣରେ ନଭେମ୍ବର ମାସରେ ସମୂହ ଅଣ୍ଡାଦାନ କରିଥାନ୍ତି। ସମୁଦ୍ର ଜଳରାଶିରେ ମିଳନ ହେବା ପରେ ଏମାନେ ଉପକୂଳରେ ବସା ବାନ୍ଧିବା ସହ ଅଣ୍ଡା ଦେଇଥାନ୍ତି। ୪୫ରୁ ୫୫ ଦିନ ପରେ ଅଣ୍ଡାରୁ ଛୁଆ ବାହାରିଥାନ୍ତି। ଗୋଟିଏ ମାଈ ଅଲିଭ୍ ରିଡଲେ ପ୍ରାୟ ୧୨୦ଟି ଅଣ୍ଡା ଦେଇଥାଏ। ଅଣ୍ଡାଗୁଡ଼ିକ ଫୁଟିବା ପରେ ସେମାନେ ସମୁଦ୍ରକୁ ଯାଇଥାନ୍ତି। ଏଥର ମଧ୍ୟ ୧୦ ଲକ୍ଷରୁ ଅଧିକ କଇଁଛ ଓଡ଼ିଶା ଉପକୂଳକୁ ଆସିଥିଲେ। ନଭେମ୍ବର ଓ ଡିସେମ୍ବରରେ ଏମାନେ ଅଣ୍ଡା ଦେବା ପରେ ଫେବୁଆରିରୁ ଅଣ୍ଡା ଫୁଟିବା ସହ ପର୍ଯ୍ୟାୟକ୍ରମେ ଶାବକ ସମୁଦ୍ରକୁ ଯାଇ ସାରିଛନ୍ତି। ସମୂହ ଅଣ୍ଡାଦାନ ସମୟରେ ୩୦ ହଜାରରୁ ଅଧିକ ଅଲିଭ୍ ରିଡ୍‌ଲେଙ୍କ ଟ୍ୟାଗିଂ କରାଯାଇଛି, ଫଳରେ ଏହି ପ୍ରଜାତିକୁ ଚିହ୍ନିବାରେ କୌଣସି ଅସୁବିଧା ହେବ ନାହିଁ। ପ୍ରସ୍ତୁତ ହୋଇଥିବା ଡକ୍ୟୁମେଣ୍ଟାରିରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଜେଡ୍‌ଏସ୍‌ଆଇ କୋଲକାତା, ଓଡ଼ିଶା ପିସିସିଏଫ୍(ବନ୍ୟପ୍ରାଣୀ), ବ୍ରହ୍ମପୁର, ରାଜନଗର, ପୁରୀ ଓ ଭଦ୍ରକ ବନଖଣ୍ଡ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଟୁଇଟ୍ କରି କହିଛନ୍ତି ଯେ ଓଲିଭ୍ ରିଡ୍‌ଲେ ସମୁଦ୍ରକୂଳରେ ବସା ବାନ୍ଧିବା ଓ ଟାଗିଙ୍ଗ୍‌କୁ ନେଇ ପ୍ରସ୍ତୁତ ହୋଇଥିବା ଡକ୍ୟୁମେଣ୍ଟାରି ବେଶ୍ ଆକର୍ଷଣୀୟ ହୋଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସହାୟତାରେ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ଡକ୍ୟୁମେଣ୍ଟାରି ମାଧ୍ୟମରେ କଇଁଛଙ୍କ ଅଣ୍ଡାଦାନ ଓ ଟ୍ୟାଗିଂ ବିଷୟରେ ପର୍ଯ୍ୟଟକମାନେ ବହୁତ କିଛି ଜାଣିବାକୁ ପାଇବେ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୯ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୭/୦୫ (ନି.ପ୍ର): ଗତକାଲି ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ଜଣେ ମାତ୍ର ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୪ଟି ଜିଲ୍ଲାରୁ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୩ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨ ଜଣ, କଟକ ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୪୧୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୯, ୧୫୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୭୬ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ପ୍ରସଙ୍ଗ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିବା ନେଇ ରାଜ୍ୟ ଶିକ୍ଷା ବିଭାଗ ଓ ଓପିଏସସିକୁ ୟୁଜିସିର ପତ୍ର

ଭୁବନେଶ୍ୱର,୨୭/୦୫ (ନି.ପ୍ର): ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ – ୨୦୨୦ ଉପରେ ମାନ୍ୟବର ସୁପ୍ରିମକୋର୍ଟ ୩ ମାସ ପାଇଁ ରହିତାଦେଶ ପ୍ରସଙ୍ଗରେ ୟୁନିଭରସିଟି ଗ୍ରାଂଟ କମିଶନ (ୟୁଜିସି) ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏବଂ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ପତ୍ର ଲେଖିଛନ୍ତି । ଗତ ୨୦ ତାରିଖରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଲଗାଇଥିଲେ । କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ରାଜ୍ୟ ଶିକ୍ଷା ବିଭାଗ ଓ ୟୁପିଏସସି ଉଲ୍ଲଂଘନ କରୁଥିବା ନେଇ ୟୁଜିସି ପତ୍ରରେ ଉଲ୍ଲେଖ କରିଛି ।

ୟୁଜିସି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ସଚିବ ଏବଂ ଓପିଏସସିକୁ ଲେଖିଥିବା ପୃଥକ ପୃଥକ ପତ୍ରରେ ଉଲ୍ଲେଖ କରିଛି ଯେ ମଇ ୨୩ ତାରିଖରେ ଓପିଏସସି ସାମାଜ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ନିଯୁକ୍ତିର ଫଳାଫଳ ଏବଂ ମଇ ୨୪ ତାରିଖରେ ବାଣିଜ୍ୟର ଆସିଷ୍ଟାଂଟ୍ ପ୍ରଫେସର ଡକ୍ୟୁମେଂଟ ଭେରିଫିକେସନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି । ମାନ୍ୟବର ସୁପ୍ରିମକୋର୍ଟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ନେଇ ଏସଏଲପି ବିଚାରଧୀନ ରହିଛି । ତେଣୁ ଓପିଏସସି ଦ୍ୱାରା ଶିକ୍ଷକ ନିଯୁକ୍ତି ଏବଂ ରାଜ୍ୟ ଚୟନ ବୋର୍ଡ(ଏସଏସବି)ର ଅଣଶିକ୍ଷକଙ୍କ ନିଯୁକ୍ତିର ବିଜ୍ଞପ୍ତି ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଅଛି। ରାଜ୍ୟ ସରକାର ଏବଂ ଓଡ଼ିଶା ଲୋକସେବା ଆୟୋଗ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ସହ ଏହି ନିଯୁକ୍ତି ପ୍ରକ୍ରିୟାରୁ ଦୂରେଇ ରୁହନ୍ତୁ । ନଚେତ୍ ଏଥିରେ ଅବମାନନା କଲେ ଆବଶ୍ୟକ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ୟୁଜିସି ପତ୍ରରେ ତାଗିଦ୍ କରିଛି।

ୟୁଏଇ ଜଳବାୟୁ ରାଷ୍ଟ୍ରଦୂତଙ୍କୁ ଭେଟିଲେ କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ

ଭୁବନେଶ୍ୱର ,୨୭/୦୫ (ନି.ପ୍ର): ୟୁଏଇର ଜଳବାୟୁ ରାଷ୍ଟ୍ରଦୂତ ତଥା ଶିଳ୍ପ ଓ ଆଧୁନିକ ପ୍ରଯୁକ୍ତି ମନ୍ତ୍ରୀ ସୁଲତାନ ଅଲ ଜବେରଙ୍କ ସହିତ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏକ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିଛନ୍ତି। ଉଭୟ ମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ, ସିଓପି ୨୮ ଆୟୋଜନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ଦ୍ୱିପାକ୍ଷିକ ବୈଠକରେ ଦୁଇ ମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ ମୁକାବିଲା କାର୍ଯ୍ୟାନୁଷ୍ଠାନ ଉପରେ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ଜଳବାୟୁ କାର୍ଯ୍ୟାନୁଷ୍ଠାନ ଉପରେ ଦ୍ୱିପାକ୍ଷିକ ସହଯୋଗକୁ ପ୍ରୋତ୍ସାହନ ଦେବା ଓ ବଢ଼ାଇବା ଲାଗି ଏକ ଫ୍ରେମୱାର୍କ ପ୍ରତିଷ୍ଠା କରିବା । ଏହା ମଧ୍ୟ ପ୍ୟାରିସ ରାଜିନାମାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଯୋଗଦାନ ଦେଇପାରିବ। ଦ୍ୱିପାକ୍ଷିକ ବୈଠକ ଅବସରରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବ କହିଥିଲେ ଯେ ୟୁଏଇ ୨୦୨୩ରେ ସିଓପି ୨୮ ଆୟୋଜନ କରିବ। ବିଶେଷ କରି ଆର୍ଥିକ ଓ ପ୍ରଯୁକ୍ତି କ୍ଷେତ୍ର ସମେତ କାର୍ଯ୍ୟକାରୀ ସହାୟତା କ୍ଷେତ୍ରରେ ଆମକୁ ବିକାଶଶୀଳ ରାଷ୍ଟ୍ରମାନଙ୍କ ଚିନ୍ତା ପ୍ରତି ପ୍ରାଥମିକତା ଦେବାକୁ ହେବ।

୨୦୨୦ ମସିହାରେ ଓଡ଼ିଶାର ମୃତ୍ୟୁହାର ଦେଶରେ ଦ୍ୱିତୀୟ ସର୍ବାଧିକ

ଭୁବନେଶ୍ୱର ,୨୭/୦୫ (ନି.ପ୍ର): କେନ୍ଦ୍ର ସରକାରଙ୍କ ସାମ୍ପୁଲ ରେଜିଷ୍ଟ୍ରେସନ୍ ସିଷ୍ଟମ୍ ବା ଏସ୍‌ଆରଏସ୍ ରାଜ୍ୟ ସରକାରଙ୍କ କୋଭିଡ ମୃତ୍ୟୁର ମୁଖା ଖୋଲିଛି। ୨୦୨୦ ମସିହାରେ ଓଡ଼ିଶାରେ ସରକାର ଘୋଷଣା କରିଥିବା ମୃତ୍ୟୁସଂଖ୍ୟାରୁ କୋଭିଡ ମୃତ୍ୟୁ ସଂଖ୍ୟା ଯେ ଢେର ଅଧିକ ବୋଲି ସ୍ପଷ୍ଟ ହୋଇଛି। ଏସ୍‌ଆରଏସ୍ ପକ୍ଷରୁ ଜାରି ମୃତ୍ୟୁର ଡାକ୍ତରୀ ପ୍ରମାଣପତ୍ର ବା ଏମ୍‌ସିସିଡିର କୋଡ୍‌ସ ପର ସ୍ୱେଶାଲ ପରପଜ୍(କୋଭିଡ-୧୯)ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ୨୦୨୦ ମସିହାରେ ରାଜ୍ୟରେ ୩,୬୨,୯୮୨ଜଣ ଲୋକଙ୍କ ମୃତ୍ୟୁ ପଞ୍ଜୀକୃତ ହୋଇଥିବା ବେଳେ ତାହାର ୨.୪ ପ୍ରତିଶତ କେବଳ କୋଭିଡରେ ପ୍ରାଣ ହରାଇଛନ୍ତି। ଯାହାକି ମୋଟ ମୃତ୍ୟୁ ସଂଖ୍ୟାର ଏହା ୮୭୧୧। ୨୦୨୦ରେ ରାଜ୍ୟ ସରକାର ୧୮୭୬ଜଣଙ୍କର ଓ ବର୍ତ୍ତମାନ ସୁଦ୍ଧା ୯୧୨୬ଜଣଙ୍କ ମୃତ୍ୟୁ ସଂପର୍କରେ ଘୋଷଣା କରିଛନ୍ତି। ୨୦୨୦ରେ ହୋଇଥିବା ମୃତ୍ୟୁର ଡାକ୍ତରୀ ପ୍ରମାଣପତ୍ର ବା ଏମ୍‌ସିସିଡିରେ ଓଡ଼ିଶାରେ ସର୍ବାଧିକ ସର୍କୁଲେଟାରି ସିଷ୍ଟମ୍ ଜନିତ ୨୧.୪ ପ୍ରତିଶତ ଲୋକ ପ୍ରାଣ ହରାଇଛନ୍ତି। ଏହାପରେ ନିଶ୍ୱାସପ୍ରଶ୍ୱାସ ଜନିତ ରୋଗରେ ୧୨.୩ ଓ କୋଭିଡ ମୃତ୍ୟୁକୁ ମିଶାଇଲେ ୩୬ ପ୍ରତିଶତ ଲୋକ କେବଳ ଏହି ୩ଟି ରୋଗରେ ଜୀବନ ଯାଇଛି। ସେହିପରି ୨୦୨୦ ମସିହାରେ ଓଡ଼ିଶାରେ ମୃତ୍ୟୁ ହାରରେ ମଧ୍ୟରେ ବୃଦ୍ଧି ହୋଇଛି। ଦେଶର ୨୧ଟି ବଡ଼ ରାଜ୍ୟଙ୍କ ଭିତରେ ଯେଉଁସବୁ ରାଜ୍ୟରେ ମୃତ୍ୟୁ ହାର ଅଧିକ ରହିଛି ତହିଁରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୦ ମସିହାରେ ଓଡ଼ିଶାରେ ମୃତ୍ୟୁ ହାର ୭.୩ ପ୍ରତିଶତ ଥିବା ବେଳେ ଏଥିରେ ପୁରୁଷ ୭.୯ ଓ ମହିଳାଙ୍କ ମୃତ୍ୟୁ ହାର ୬.୮ ରହିଛି। ଯଦି ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ଭାଗ ଭାଗ କରି ଦେଖାଯାଏ ତାହାଲେ ଗ୍ରାମାଞ୍

ବସ୍ତା ଅବକାରୀ ବିଭାଗର ବଡ ସଫଳତା ୨୧କେଜି ଗଞ୍ଜେଇ ଜବତ

ବସ୍ତା, ୨୭/୦୫ (ନି.ପ୍ର): ଶୁକ୍ରବାର ପଶ୍ଚିମ ବଙ୍ଗରୁ ୨ଜଣ ବେପାରୀ ୨୧କିଲୋ ଗଞ୍ଜା ପ୍ୟାକେଟ ଧରି ଟ୍ରେନରେ ଆସୁଥିବା ବେଳେ ବସ୍ତା ରେଳ ଷ୍ଟେସନରେ ବସ୍ତା ଅବକାରୀ ବିଭାଗରଅଧିକାରୀ କୁଳମଣି ମହାରଣା ଚଢ଼ାଉ କରି ୨୧ କେଜି ଗଞ୍ଜେଇ ସହ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ।ତେବେ ଦୁଇ ଅଭିଯୁକ୍ତଙ୍କନାମ ସେକ ମମରାଜ ଓ ଫରଦିନ ମଲ୍ଲିକ ବୋଲି ଯଣା ପଡିଛି । ସେମାନଙ୍କର ଘର ଠିକଣା ଯଣାପଡିନାହିଁ।

ଚର୍ଚ୍ଚାରେ ଭଦ୍ରକ ମୁନିସିପାଲିଟି

ଭଦ୍ରକ, ୨୭/୫/୨୨ ଚର୍ଚ୍ଚାରେ ଭଦ୍ରକ ମୁନିସିପାଲିଟି । କାଉନସେଲିଂ ମିଟିଂରେ ପୌର ଉପାଧକ୍ଷକ୍ଷଙ୍କୁ ଚେୟାର ନଦେବାରୁ ହେଲା ବଚସା । ଶେଷରେ ନିର୍ବାହୀ ଅଧିକାରୀଙ୍କ ନାରେ ଟାଉନ ଥାନା ଅଧିକାରୀଙ୍କୁ ଏତଲା ଦେଲେ ମୁନିସିପାଲିଟି ଭାଇସ ଚେୟାରମ୍ୟାନ ଅଞ୍ଜୁବାଳା ଜେନା ଓ ପୂର୍ବତନ କାଉନ୍ସିଲର ତଥା ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା । ତେବେ ପ୍ରବୀରଙ୍କ ନାରେ ପୂର୍ବରୁ ସକାଳେ ଖରାପ ବ୍ୟବହାର ନେଇ ନିର୍ବାହୀ ଅଧିକାରୀ ଥାନାଧିକାରୀଙ୍କୁ ଏତଲା ଦେଇଛନ୍ତି ।

ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ପାଇବେ ଧର୍ମପଦ ପୁରସ୍କାର

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ବରିଷ୍ଠ ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କୁ ୨୦୨୧ ମସିହା ପାଇଁ ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ ସମ୍ମାନଜନକ ଧର୍ମପଦ ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ୫ ଜଣ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ବରିଷ୍ଠ ଚିତ୍ରଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି, ବଳଦେବ ମହାରଥା, ପଂଚାନନ ସୁର, ଦୁର୍ଗାଚରଣ ପଣ୍ଡା ଓ ବରିଷ୍ଠ ଭାସ୍କର୍ଯ୍ୟଶିଳ୍ପୀ ଦେବେନ୍ଦ୍ର ମିଶ୍ରଙ୍କୁ ଚୟନ କରାଯାଇଛି । ଧର୍ମପଦ ପୁରସ୍କାର ବାବଦରେ ୫ଲକ୍ଷ ଟଙ୍କା ଓ ଶିଳ୍ପୀ ସମ୍ବର୍ଦ୍ଧନା ପାଇଁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।

ସୁସ୍ଥ ସମାଜ ଗଠନକରିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ମାଗୁଣି ଚରଣ ବାଳାଶ୍ରମର ବାର୍ଷିକ ଉତ୍ସବ

ବସ୍ତା, ୨୭।୫ (ନିପ୍ର) ଜିଲ୍ଲା ଶିକ୍ଷା ଅଧିନରେଥିବା ମଥାନୀ ପଞ୍ଚାୟତ ରେ ଶୁକ୍ରବାର ମଥାନୀସ୍ଥିତ ମାଗୁଣି ଚରଣ ବାଳାଶ୍ରମରେ ବାର୍ଷିକଉତ୍ସବ ପାଳିତ ହୋଇଅଛି । ଆଜିର ସମାଜରେ ଅନ୍ତେବାସି ଛୋଟଛୋଟ ପିଲାମାନଙ୍କ ଭାଗ୍ୟ ମଣିଷତିଆରି କାରଖାନା ର ପ୍ରମୁଖ ଭୂମିକା ନେବା ସହିତ ପ୍ରତ୍ୟେକ ପିଲା ମାନଙ୍କୁ ଶିକ୍ଷା ସହିତ ଭଲ ସଂସ୍କାରଦେଇ ଗଢିତୋଳିବାର ପ୍ରଚେଷ୍ଟା ଗୁରୁଜୀ ଗୁରୁମା ରଭୂମିକା ଅତୁଳନିୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏନେଇ ଆଶ୍ରମର ସଭାଗୃହରେ ସଭାର ଆୟୋଜନ ହୋଇଥିଲା । ଆଶ୍ରମର ପ୍ରତିଷ୍ଠାତା ପ୍ରତାପଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୂଖ୍ୟ ଅତିଥି ଏବିଓ ଅଜୟକୁମାର ଦେହୁରୀ, ମୂଖ୍ୟବକ୍ତା ସାମ୍ବାଦିକ ସଞ୍ଜୟ କୁମାର ସାମଲ, ସମ୍ମାନୀତ ଅତିଥି ସାମ୍ବାଦିକ ବିଜୟକୁମାର ଭୂୟାଁ, ସୁଶାନ୍ତ ପ୍ରଧାନ ଯୋଗ ଦେଇ ଅନ୍ତେବାସୀ ଛାତ୍ର ମାନଙ୍କରସଫଳତା ବିଷୟରେ ମତବ୍ୟକ୍ତ କରିଥିଲେ । ଆଶ୍ରମର ଅଧ୍ୟକ୍ଷ ଡାଃ ହରିହର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଙ୍ଗିତ କୁମାର ପଣ୍ଡା ବିବରଣିପାଠ କରିଥିଲେ । ମାଗୁଣିଚରଣ ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଆଶ୍ରମର ଛାତ୍ରମାନେ ଆବାହନୀ ସଂଗୀତ ଗାନକରିଥିଲେ । ଅତିଥି ମାନଙ୍କ ଦ୍ୱାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରମାନଙ୍କୁ ମାନପତ୍ର ଅତିଥି ଙ୍କ ଦ୍ୱାରା ବିତରଣ କରାଯାଇଥିଲା । ପ୍ରଶନ୍ନ ସେନାପତି, ପ୍ରଦୀପକୁମାର ବାରିକ, ସୁବ୍ରତ ମହାପାତ୍ର, ସରୋଜକୁମାର ମହାନ୍ତି, ବୌଶାଳୀ ମହାନ୍ତୀ, ସସ୍ମିତା ରାଉତ, ବିଜୟିନି ରାଜ, ଗୃହମାତା ପ୍ରଜ୍ଞାପିତା ବେହେରା, ରଶ୍ମୀରେଖା ସାହୁ, ଫୁଲମଣୀଗୀରି, ଅର୍ଚ୍ଚନା ମହାପାତ୍ର, କାଜଲ ଘଡେଇ ସମେତ ଆଶ୍ରମର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଦଶଦଫା ଦାବିନେଇ ଧାରଣା

ବାରିପଦା, ୨୭/୦୫ (ନି.ପ୍ର): ମୟୂରଭଂଜ ଜିଲ୍ଲାର ଉଦଳା ଏବଂ ବାରିପଦା ଉପଖଣ୍ଡର ୨୨ଗୋଟି ବିଦ୍ୟୁତ ସେକ୍ସନ ଅଫିସ ସମ୍ମୁଖରେ ଆଜି ନେସ୍କୋ ପାୱାର ଏମ୍ପଲୋଏଜ ୟୂନିୟନ ପକ୍ଷରୁ ୧୦ଦଫା ଦାବିନେଇ ଧାରଣା ପ୍ରଦର୍ଶନ କରାଯାଉଛି । ଟାଟା ପାୱାର ପାଖରୁ ଠିକା ନେଇଥିବା ହିନ୍ଦୁସ୍ଥାନ ଇଂଜିନିୟରିଂ କୋର୍ପରେସନ କମ୍ପାନୀ କାର୍ଯ୍ୟରତ ବିଦ୍ୟୁତ ଶ୍ରମିକଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ଓ ଜୁଲମ ବଢିଚାଲିଥିବାରୁ ପ୍ରତିବାଦ କରି କିଛିଦିନ ପୂର୍ବରୁ ଏମ୍ପ୍ଲୋଇଜ ୟୂନିୟନ ପକ୍ଷରୁ ୧୦ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଟାଟା ପାୱାର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଯେଉଁଥିରେ ଶ୍ରମୀକ ମାନଙ୍କୁ ଇଏସଆଇ କାର୍ଡ ପ୍ରଦାନ କରିବା, ପ୍ରଦାନ କରାଯାଉଥିବା ଦରମାର ପେ-ସ୍ଲିପ ପ୍ରଦାନ, ବର୍ଦ୍ଧିତ ଫୁଏଲ ଏଲାଉନ୍ସ, ଓଭର ଟାଇମ ପାଇଁ ଅଧିକ ଅର୍ଥ ପ୍ରଦାନ, ସପ୍ତାହରେ ଦିନଟିଏ ଛୁଟି, ଶ୍ରମୀକ ମାନଙ୍କୁ ସୁରକ୍ଷା କିଟ ସମୟ ମୁତାବକ ପ୍ରଦାନ, ଆଉଟସୋର୍ସିଂ ଶ୍ରମୀକ ମାନଙ୍କୁ ପ୍ରତିମାସର ୧୦ ତାରିଖ ସୁଦ୍ଧା ଦରମା ପ୍ରଦାନ ଇତ୍ୟାଦି ପ୍ରମୁଖ ଦାବି ପୂରଣ ପାଇଁ ନିବେଦନ କରାଯାଇଥିଲା । ସେଥିରେ ଦାବି ପୁରୁଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ପାଇଁ ୟୂନିୟନ ବାଧ୍ୟ ହେବ ବୋଲି ଚେତାବନୀ ମଧ୍ୟ ଦିଆ ଯାଇଥିଲା । ଧାର୍ଯ୍ୟ ସମୟ ମଧ୍ୟରେ କମ୍ପାନୀ ଅଧିକାରୀ ମାନେ ଏସଂକ୍ରାନ୍ତରେ କୌଣସି ପଦକ୍ଷେପ ନନେବାରୁ ଆଜି ବାଧ୍ୟ ହୋଇ ୟୁନିୟନ ପକ୍ଷରୁ ଉଦଳା ଏବଂ ବାରିପଦା ୨ଟି ଉପଖଣ୍ଡରେ ଥିବା ୨୨ଟି ବିଦ୍ୟୁତ ସେକ୍ସନ ଅଫିସ ସମ୍ମୁଖରେ ଶ୍ରମୀକ ମାନଙ୍କ ଦାବୀ ପୁରଣ ପାଇଁ ଧାରଣା ପ୍ରଦର୍ଶନ କରୁଛନ୍ତି । ଏହି ଧାରଣା ୨ଦିନ ଧରି ଚାଲିବାକୁ ଥିବା ବେଳେ, ଯଦି କମ୍ପାନୀ ପକ୍ଷରୁ ସଂଘ ସହ ଆଲୋଚନା ନକରନ୍ତି ବା ଶ୍ରମୀକ ମାନଙ୍କ ଦାବୀପୁରଣ ନକରନ୍ତି ତେବେ ୨ଦିନ ପରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ଏବଂ ଶ୍ରମୀକ ମାନଙ୍କର ନ୍ୟାର୍ଯ୍ୟ ଦାବୀ ପୁରଣ ନହେଲେ ଆନ୍ଦୋଳନକୁ ଚରମ ସୀମାପର୍ଯ୍ୟନ୍ତ ନିଆଯିବ ବୋଲି ୟୂନିୟନର ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି ।

'ୟୋମେ' ଖିଲାଫତ୍ ପାଳିତ

ଭଦ୍ରକ,୨୭/୦୫ (ନି.ପ୍ର): ଅହମଦିୟା ମୁସଲିମ୍ ଜମାତ ଭଦ୍ରକ ପକ୍ଷରୁ 'ୟୋମେ' ଖିଲାଫତ୍ ପାଳିତ ହୋଇଯାଇଛି। ଅହମଦିଆ ମୁସଲିମ୍ ଜମାତର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମ୍ମଦ କାଦିୟାନିଙ୍କ ଦେହାନ୍ତ ପରେ ମହାପୁରୁଷ ମହମ୍ମଦ(ସ.ଅ.ସ.)ଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଜମାଅତ-ଏ-ଅହମଦିୟାରେ ୧୯୦୮ ମସିହା ମଇ ମାସ ୨୭ ତାରିଖ ଖିଲାଫତ ଅହମଦିଆର ପ୍ରଥା ଶୁଭାରମ୍ଭ ହୋଇଥିଲା। ପ୍ରକାଶ ଥାଉକି ଏହି ଦିବସକୁ ଅର୍ଥାତ୍ ମଇ ମାସ ୨୭ ତାରିଖରେ ଅହମଦିୟା ମୁସଲିମ୍ ଜମାତର ଅନୁଗାମୀମାନେ ଖିଲାଫତ ଦିବସ ଭାବେ ରୂପେ ସମଗ୍ର ବିଶ୍ୱରେ ପାଳନ କରି ଆସୁଛନ୍ତି। ବର୍ତ୍ତମାନ ଏହି ଜମାତ୍‌ର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଅହମଦିୟା ଜମାତ୍ ବିଶ୍ୱର ୨୧୩ ଦେଶରେ ବିଶ୍ୱଶାନ୍ତି ଓ ଭାତୃତ୍ୱ ଭାବ ସ୍ଥାପନ ଓ ମାନବ ସେବା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛି। ଏହି ଅବସରରେ ଜମାତ ଅହମଦିୟା ଭଦ୍ରକ ତରଫରୁ ପ୍ରଥମ ନମାଜ ଫଜର ପାଠ କରାଯାଇଥିଲା। ପରେ ପବିତ୍ର କେରାନର ଦର୍ସ ଓ ସାମୁହିକ କୋରାନର ଆବୃତି ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ନମାଜ ଅସର ପରେ ଏକ ସାମ୍ବାଦିକ ସମ୍ମିଳନୀ ମସଜିଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମାତ୍‌ର ଅଧକ୍ଷ ସେକ ଅବଦୁଲ କାଦର ଅଧକ୍ଷତା କରିଥିଲେ। ମୁଖ୍ୟ ପ୍ରଚାରକ ସେକ ଇସାକ୍, ଖିଲାଫତ ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପରେ ସଂଧ୍ୟାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିବାବେଳେ, ଏଥିରେ ଉପସ୍ଥିତ ଜମାତ୍‌ର ଅନସାର୍, ଖୁଦାମ, ଲଜନା, ନାସେରତ, ଅତଫାଲର ସଦସ୍ୟମାନେ ବିଶ୍ୱଶାନ୍ତି ଓ ଭାତୃତ୍ୱ ଭାବ ପାଇଁ ସାମୁହିକ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକମକୁ ଭଦ୍ରକ ଜମାତର ଶାଖାର ସଦସ୍ୟମାନେ ପରିଚାଳନା କରିଥିଲେ।

ମାଲକାନଗିରି ଜିଲ୍ଲାର ୧୭ ଜଣ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ବଂଟନ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ପୂର୍ବାହ୍ନରେ ମାଲକାନଗିରି ଜିଲ୍ଲାର ୧୭ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ବିତରଣ କରିଛନ୍ତି । କ୍ୟାପିଟାଲ ହସ୍‌ପିଟାଲ ପରିସରସ୍ଥିତ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନରେ ଆୟୋଜିତ ଏହି ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ରାଜ୍ୟରେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରାୟ ୬ ହଜାର ଭିନ୍ନକ୍ଷମ ହିତାଧିକାରୀଙ୍କୁ ରୋବୋଟିକ୍ ଥେରାପି ସହାୟତା କ୍ରମେ ପ୍ରସ୍ତୁତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିତରଣ କରାଯାଇଛି । ରାଉରକେଲା ଓ ବ୍ରହ୍ମପୁରଠାରେ ମଧ୍ୟ ଆଧୁନିକ ପୁନର୍ବାସ କେନ୍ଦ୍ର ଖୁବଶୀଘ୍ର ପ୍ରତିଷ୍ଠା କରାଯିବ ଓ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ବ୍ରତତୀ ହରିଚନ୍ଦନ ଉପସ୍ଥିତ ଥିଲେ ।

ଗୋଟିଏ ଦିନରେ ୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୪୧୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୧୫୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୬ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫ ଜଣ ସଂଗରୋଧରୁ ଓ ୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୨, କଟକ ଜିଲ୍ଲାରେ ୧, ଖୋର୍ଧା ଜିଲ୍ଲାରୁ ୩ ତଥା ସୁନ୍ଦରଗଡ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟ ପୁଲରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଅବଶିଷ୍ଟ ୨୬ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

ଓବିସି କମିଶନଙ୍କୁ ଭେଟିଲେ ଓବିସି ମୋର୍ଚ୍ଚର ପ୍ରତିନିଧି ଦଳ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ରାଜ୍ୟ ବିଜେପି ଓବିସି ମୋର୍ଚ୍ଚର ଏକ ପ୍ରତିନିଧି ଦଳ ରାଜ୍ୟ ଓବିସି କମିଶନଙ୍କୁ ଭେଟି ଆଲୋଚନା କରିବା ସହ ଦାବି ପତ୍ର ଦେଇଛନ୍ତି। ମଧ୍ୟପ୍ରଦେଶ ସରକାର ନିଜ ପ୍ରତିବଦ୍ଧତା କାରଣରୁ ଓବିସିଙ୍କୁ ସଂରକ୍ଷଣ ଦେବାରେ ସଫଳ ହୋଇଥିବାବେଳେ ଓଡିଶା ସରକାରଙ୍କ ଇଚ୍ଛାକୃତ ଭାବେ ସଂଖ୍ୟାଧିକ ଓବିସିବର୍ଗଙ୍କୁ ସଂରକ୍ଷଣରୁ ବଂଚିତ କରିଛନ୍ତି । ଟ୍ରିପଲ ଟେଷ୍ଟର ଦ୍ୱିତୀୟ ସର୍ତରେ ଓଡ଼ିଶା ବିଫଳ ହୋଇଥିବାରୁ ମାନ୍ୟବର ଉଚ୍ଚନ୍ୟାୟଳୟ ରାଜ୍ୟର ୫୪% ପଛୁଆ ବର୍ଗଙ୍କୁ ପୌର ଓ ପଂଚାୟତ ନିର୍ବାଚନରେ ସଂରକ୍ଷଣ ଦେବାକୁ ବାରଣ କରିଥିଲେ। ଓବିସିବର୍ଗଙ୍କୁ ରାଜ୍ୟ ସରକାର କେବଳ ଅଣଦେଖା କରୁନାହିଁ ବରଂ ସେମାନଙ୍କୁ ସାମ୍ବିଧାନିକ ଅଧିକାର, ଉଚ୍ଚଶିକ୍ଷା, ଚାକିରୀରୁ ଓ ଆତ୍ମନିଯୁକ୍ତିରୁ ବଂଚିତ କରୁଛନ୍ତି । ରାଜ୍ୟରେ ଓବିସିଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି। ବାସ୍ତବରେ ପଛୁଆ ବର୍ଗକୁ ତାଙ୍କ ନ୍ୟାର୍ଯ୍ୟ ସାମ୍ବିଧାନିକ, ଶିକ୍ଷା, ନିଯୁକ୍ତି ଅଧିକାର ଦେବାକୁ ଚାହୁଁନାହାନ୍ତି ରାଜ୍ୟ ସରକାର । ବହୁ ଦାବୀ ପରେ ଓବିସି କମିଶନ ନିଯୁକ୍ତ ହୋଇଛନ୍ତି ସତ, କିନ୍ତୁ ଦାନ୍ତବିହୀନ ଓ ପଙ୍ଗୁ କରି ରଖାଯାଇଛି ଏବଂ କୌଣସି କ୍ଷମତା ଦିଆଯାଇନାହିଁ। ରାଜ୍ୟର ପଛୁଆ ବର୍ଗକୁ ଜାଣିଶୁଣି ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଶିକ୍ଷା କ୍ଷେତ୍ରରେ ଓବିସି ପିଲାମାନଙ୍କୁ ୨୭% ସଂରକ୍ଷଣ ବ୍ୟବସ୍ଥା କେନ୍ଦ୍ର ସରକାର କରିଛନ୍ତି ଓ ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ଏହି ସଂରକ୍ଷଣ ଦିଆଯାଉଥିବାବେଳେ ଓଡ଼ିଶା ସରକାର ଆଦୌ ସଂରକ୍ଷଣ ଦେଉନାହାନ୍ତି । ଚାକିରୀ କ୍ଷେତ୍ରରେ ଓବିସି ବର୍ଗଙ୍କୁ ୧୧.୨୫ ସଂରକ୍ଷଣକୁ ମାତ୍ର ୧ରୁ ୩% ସଂରକ୍ଷଣ ଦେଉଛନ୍ତି । ରାଜ୍ୟ ସରକାରଙ୍କ ପାଖରେ ଓବିସିଙ୍କ ଡାଟା ନାହିଁ। ପଛୁଆ ବର୍ଗଙ୍କ କୌଶଳ ବିକାଶ ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ । ଓବିସିଙ୍କ ଭୋଟ ହାତେଇବା ପାଇଁ ରାଜ୍ୟ ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଡ.ଲେଖାଶ୍ରୀ କହିଛନ୍ତି । ଆଜି ରାଜ୍ୟ ସରକାରଙ୍କ ଓବିସି ବିରୋଧି ମନୋବୃତି ଧରାପଡିଛି । ସାମ୍ବିଧାନିକ, ଶିକ୍ଷା, ନିଯୁକ୍ତି ଅଧିକାର ପାଇବା ପାଇଁ ଓବିସି ମୋର୍ଚ୍ଚା ସାରା ରାଜ୍ୟରେ ଜନଜାଗରଣ କରିବା ସହିତ ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ମନୋଭାବକୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଏହି ପ୍ରତିନିଧି ଦଳରେ ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ସିଦ୍ଧାର୍ଥ ଶଙ୍କର ପତି ଓ ସଂପାଦକ ଦୁର୍ଗପ୍ରସନ୍ନ ନାୟକ, କୋଷାଧକ୍ଷ ସଂଗ୍ରାମ କେଶରୀ ନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଏମ୍ସ ଭୁବନେଶ୍ୱରରେ କର୍କଟ....

ରକ୍ତ କର୍କଟ ରୋଗୀଙ୍କ ପାଇଁ ଆଇସିୟୁ ସୁବିଧା ଜରୁରୀ ଅଟେ। ଏମ୍ସ ଭୁବନେଶ୍ୱର ମେଡିକାଲ ଅଂକଲୋଜି/ ହେମାଟୋଲୋଜି ବିଭାଗ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର କର୍କଟ ଓ ରକ୍ତ କର୍କଟ ରୋଗୀଙ୍କ ବିଭିନ୍ନ ସମସ୍ୟାର ଯତ୍ନ ନେଇଥାଏ। ମେଡିକାଲ୍ ଅଙ୍କୋଲୋଜି / ହେମାଟୋଲୋଜି ବିଭାଗକୁ ଆସିବା ବେଳେ ଏହି ରୋଗୀଙ୍କ ମଧ୍ୟରୁ ବହୁ ସଂଖ୍ୟକ ଗୁରୁତର ଥାଆନ୍ତି। ତେଣୁ ସେମାନଙ୍କୁ ଉତମ ଚିକିତ୍ସା ଯୋଗାଇଦେବା ନିମନ୍ତେ ଆଇସିୟୁର ଆବଶ୍ୟକତା ରଖିଥାନ୍ତି। ରକ୍ତ କର୍କଟ ରୋଗଜନିତ ବିଭିନ୍ନ ସମସ୍ୟାର ପୀଡ଼ିତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଆଇସିୟୁର ଆବଶ୍ୟକତା ରହିଥାଏ। ଯାହାକି ଏକ ମିଳିତ ଆଇସିୟୁ ସେଟିଂରେ ସେବା ପ୍ରଦାନ କରାଯାଇପାରିବ ନାହିଁ। ତେଣୁ ମେଡିକାଲ ଅଙ୍କୋଲୋଜି / ହେମାଟୋଲୋଜି ବିଭାଗରେ ସ୍ୱତନ୍ତ୍ର ଆଇସିୟୁର ଆବଶ୍ୟକତା ଅଧିକ ବୋଲି ଡାକ୍ତର ପ୍ରବୋଧ ଦାସ ପ୍ରକାଶ କହିଛନ୍ତି। ଏହି ଆଇସିୟୁରେ ପ୍ରତ୍ୟେକ ଶଯ୍ୟା ପାଇଁ ଏକ ଭେଣ୍ଟିଲେଟର ସହିତ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଉପକରଣ ଉପଲବ୍ଧ ରହିଛି। କର୍କଟ ଏବଂ ହେମାଟୋଲୋଜିକାଲ୍ ବ୍ୟାଧିରେ ପୀଡିତ ରୋଗୀମାନ

ବାଲେଶ୍ୱର, ଶନିବାର, ୨୮ ମଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ହ୍ୟାକରଙ୍କ ଠାରୁ ସରକାରୀ ତଥ୍ୟକୁ ସୁରକ୍ଷା ଦେବ ସିଏସଓସି

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଓଡିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର (ଓକାକ୍) ଠାରେ ଅତ୍ୟାଧୁନିକ ସାଇବର ସୁରକ୍ଷା ଅପରେସନ୍ ସେଂଟର (ସିଏସଓସି)ର ଉଦଘାଟନ କରିଛନ୍ତି । ଏହି କେନ୍ଦ୍ର ରାଜ୍ୟର ତଥ୍ୟକୁ ସୁରକ୍ଷା ପ୍ରଦାନ କରିବା ସହ ଆପ୍ଲିକେସନ୍ ଏବଂ ଆଇସିଟି ଭିତିଭୂମି ବିପଦରୁ ରକ୍ଷା କରିବ। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଏବଂ ଓକାକ୍ ଦ୍ୱାରା ଏହି ସିଏସଓସି ସ୍ଥାପିତ ହୋଇଛି । ଏହି ବ୍ୟବସ୍ଥା ସଂପୂର୍ଣ୍ଣ ସ୍ୱୟଂଚାଳିତ ଏବଂ ଏହା ହ୍ୟାକର୍ ମାନଙ୍କ ଠାରୁ ସରକାରୀ ସୂଚନା ଏବଂ ତଥ୍ୟକୁ ସୁରକ୍ଷିତ ରଖିବ । ୬ ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହୋଇପାରିଛି । ସାଇବର ସିକ୍ୟୁରିଟି ଅପରେସନ୍ ସେଂଟର ଦ୍ୱାରା ଡାଟା ସୁରକ୍ଷା ସମ୍ବନ୍ଧୀୟ ଲଗ୍ ସଂଗ୍ରହ କରାଯାଇ ତାହାର ସଠିକ୍ ବିଶ୍ଳେଷଣ କରାଯିବ। ଏହାସହ ବିପଦପୂର୍ଣ୍ଣ ଆଇପି ଆଡ୍ରେସ୍ ଚିହ୍ନଟ ଓ ଏହାଦ୍ୱାରା ଅନାଧିକାର ପ୍ରବେଶ ତଥା ସାଇବର ଆକ୍ରମଣକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ। ରାଜ୍ୟର ସମସ୍ତ ୱେବସାଇଟ୍ ସୁରକ୍ଷା ସମ୍ବନ୍ଧୀୟ ବିପଦଗୁଡିକର ସଠିକ୍ ଆକଳନ କରାଯିବ। ହ୍ୟାକରମାନଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କୀତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ୱେବସାଇଟ୍ ବ୍ୟବହାରକାରୀଙ୍କ ପାଇଁ ସୁରକ୍ଷା ସମ୍ବନ୍ଧୀୟ ଉପଦେଶାବଳୀ ଇତ୍ୟାଦି ଉପଲବ୍ଧ କରାଯିବ। ଭବିଷ୍ୟତରେ ଏଥିରେ ଅନେକ ଗୁଡିଏ ସୂଚନା ପ୍ରଯୁକ୍ତି ପ୍ରକଳ୍ପ ଏକୀଭୂତ ହୋଇପାରିବ। ଏହାର ବୈଶିଷ୍ଟ୍ୟ ଯଥା ବଗ୍ ବାଉଂଟି,ସମ୍ଭାବ୍ୟ ବିପତିର ସମୟଉପଯୋଗୀ ସୂଚନା ,ସ୍ୱୟଂସମ୍ପୂର୍ଣ୍ଣ ମାନର ଭିତିଭୂମି ଇତ୍ୟାଦି ସାଇବର ସିକ୍ୟୁରିଟି ଅପରେସନ୍ ସେଂଟରକୁ ଦେଶରେ ସରକାରୀ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅସୀତ ତ୍ରିପାଠୀ, ୫-ଟି ସଚିବ ଭି କେ ପାଣ୍ଡିଆନ୍ ଓ ଆଇଟି ସଚିବ ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ସମାଜସେବୀ ବ୍ରଜବନ୍ଧୁ ରଥଙ୍କ ଶ୍ରାଦ୍ଧବାର୍ଷିକୀରେ ଭାଗବତ ପ୍ରବଚନ

ବାରିପଦା, ୨୭/୦୫ (ନି.ପ୍ର): ପବିତ୍ର ଜଳକ୍ରୀଡା ଏକାଦଶୀ ଅବସରରେ ବାରିପଦାର ବିଶିଷ୍ଟ ସମାଜସେବୀ, ସେବାସଂଘର ପ୍ରାକ୍ତନ ସଭାପତି, ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ ସ୍ୱର୍ଗତଃ ବ୍ରଜବନ୍ଧୁ ରଥଙ୍କର ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରୀମଦ୍ ଭାଗବତ ମହାପୁରାଣ ସମ୍ପର୍କରେ ଏକ ପ୍ରବଚନ କାର୍ଯ୍ୟକ୍ରମ ନିରାଡମ୍ବର ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ରଥ ପରିବାର ତରଫରୁ ଆୟୋଜିତ ଏହି ପ୍ରବଚନ କାର୍ଯ୍ୟକ୍ରମରେ ଖ୍ୟାତନାମା ପ୍ରବଚକ ଭାଗବତ ଭୂଷଣ ଭାଗବତ ପଣ୍ଡା ମଣିଷ ଜୀବନର ସମସ୍ତ ଶଙ୍କା ତଥା ସମସ୍ୟାର ସମାଧାନ ପାଇଁ ଭାଗବତରେ ଆବଶ୍ୟକୀୟ ସମସ୍ତ ଉପଯୋଗୀ ତଥ୍ୟ ଥିବାବେଳେ

ମଣିଷ ତାର ସଦ୍ ବ୍ୟବହାର କରିବା ଉଚିତ୍ ବୋଲି ଉଲ୍ଲେଖ କରି ଗଜେନ୍ଦ୍ରମୋକ୍ଷ, ଅମ୍ବରୀଷଚରିତ ତଥା ଭକ୍ତ ବିଦୂରଙ୍କର ଚରିତାବଳୀ ମାଧମରେ ବିଭିନ୍ନ ଉଦାହରଣର ଅବତାରଣା କରିଥିଲେ । କଳିଯୁଗରେ ମଧ୍ୟ ଶ୍ରୀମଦ୍ ଭାଗବତ ମହାପୁରାଣ ଶ୍ରବଣ ଦ୍ୱାରା ଜୀବ ଜୀବନ୍ମୁକ୍ତ ହୋଇପାରେ ବୋଲି ମହାରାଜ ପରିକ୍ଷୀତଙ୍କ ଚରିତକୁ ଅତି ମାର୍ମିକ ଭାଷାରେ ବୁଝାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱର୍ଗତଃ ରଥଙ୍କର ଜ୍ୟେଷ୍ଠ ପୁତ୍ର ବିଶିଷ୍ଟ ବୈଜ୍ଞାନିକ ଅଶୋକ କୁମାର ରଥ ତାଙ୍କର ଧର୍ମପତ୍ନୀ ସୌମ୍ୟା ରଥ, ମଧମ ପୁତ୍ର କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଅବସର ପ୍ରାପ୍ତ ସଚିବ ଅରୁଣ କୁମାର ରଥ ତାଙ୍କର ଧର୍ମପତ୍ନୀ ରାଜଲକ୍ଷ୍ମୀ ରଥ ଓ କନିଷ୍ଠ ପୁତ୍ର ଯୁବଶିଳ୍ପୋଦ୍ୟୋଗୀ ଅରବିନ୍ଦ ରଥ ତାଙ୍କର ଧର୍ମପତ୍ନୀ ଗାର୍ଗୀ ରଥ ଏବଂ ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି କିଶୋର କୁମାର ବସା, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଶିକ୍ଷାବିତ୍ ସ୍ୱରୁପ କୁମାର ପଟ୍ଟନାୟକ ତଥା ତାଙ୍କର ବନ୍ଧୁ ପ୍ରଦୀପ କୁମାର ପଣ୍ଡା ଓ କ୍ଷେତ୍ରମୋହନ ବ୍ରହ୍ମା ପ୍ରଭୃତି ବହୁ ମାଞ୍ଜନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥାଇ ପ୍ରବଚନ ଶ୍ରବଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମସ୍ତେ ସ୍ୱର୍ଗତଃ ରଥଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଜଉକଣ୍ଢେଇ ଜୟଦେବ-ପଦ୍ମାବତୀଙ୍କ ବିବାହ ସମ୍ପନ୍ନ

ବାଲେଶ୍ୱର,୨୭/୦୫ (ନି.ପ୍ର): ହର୍ଷ ଉଲାସ ମଧ୍ୟରେ ଜଉକଣ୍ଢେଇ ବର ଜୟଦେବ କନ୍ୟ ପଦ୍ମାବତୀଙ୍କ ବିବାହ ଗୁରୁବାର ସମ୍ପନ୍ନ ହୋଇଛି। ଆଇଟିଆଇ ପଡ଼ିଆ ଉତ୍ସବସ୍ଥଳରୁ ବର ସହ ବରଯାତ୍ରୀ ଦଳ ସମ୍ପର୍କ ଯାତ୍ରାରେ ବାହାରି ସହର ପରିକ୍ରମା ସହ କନ୍ୟାଘର ମୋତିଗଞ୍ଜ ରାଜସ୍ତାନ ଭବନରେ ପହଞ୍ଚିଥିଲେ। ବରଯାତ୍ରୀଙ୍କ ସମ୍ପର୍କ ଶୋଭାଯାତ୍ରାରେ ପାରମ୍ପାରିକ ବାଦ୍ୟଦଳ ଓ ନାଚୁଆଦଳ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। କନ୍ୟାଘରେ ମାରୱାଡ଼ି ମହିଳା ସମିତି ବରଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଧାର୍ଯ୍ୟ ସମୟ ନିର୍ଘଣ୍ଟରେ ବୈଦିକ ରୀତିରେ ଜୟଦେବ-ପଦ୍ମାବତୀଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯୌତୁକ ବାବଦରେ କନ୍ୟାଘର ପକ୍ଷରୁ ଦୁଇଜଣ ଗରିବ ଝିଅଙ୍କ ବିବାହ କରିବାର ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଅନୁରୂପ ଭାବେ ବରପକ୍ଷ ଶହେ ନେତ୍ରଦାନ ପାଇଁ ରାଜି ହୋଇଥିଲେ। ପିତାମାତା ଦ୍ୱାୟିତ୍ୱ ତୁଲାଉଥିବା ଅଞ୍ଜୁ ସରାୱଗି ଓ ମଦନ ସରାୱଗି କନ୍ୟାଦାନ କରିଥିଲେ। କୈଳାସ ପରିଡ଼ା ଓ ସୁପ୍ରିୟା ପରିଡ଼ା ବର କର୍ତ୍ତା-କର୍ତ୍ତ୍ରୀ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଏହି ଅବସରରେ ସଂଧ୍ୟାରେ ଜଉକଣ୍ଢେଇ ବିବାହ ଉତ୍ସବ ଦ୍ୱିତୀୟ ସଂଧ୍ୟା କାର୍ଯ୍ୟକ୍ରମ ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବାଲେଶ୍ୱରର କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜସେବୀ ଅଞ୍ଜଳି ପଣ୍ଡା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅଳକା ପତି ଶେଷରେ ସବସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପରୀକ୍ଷକଙ୍କ ପାଇଁ ସାବିତ୍ରୀ ଦିନ ଇଚ୍ଛାଧୀନ ଛୁଟି ଘୋଷଣା

ଭୁବନେଶ୍ୱର,୨୭/୦୫ (ନି.ପ୍ର): ପରୀକ୍ଷକଙ୍କ ପାଇଁ ଆସନ୍ତା ୩୦ ତାରିଖ ସାବିତ୍ରୀକୁ ଇଚ୍ଛାଧୀନ ଛୁଟି ଘୋଷଣା କରାଯାଇଛି। ଏନେଇ ସବୁ ବିଇଓ, କ୍ୟାମ୍ପ ଅଧିକାରୀ ଓ ସୁପରଭାଇଜରଙ୍କୁ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ ବା ବିଏସ୍ଇ ଚିଠି ଲେଖି ଜଣାଇଛି। ଖାତା ଦେଖୁଥିବା ଯେକୌଣସି ଶିକ୍ଷକ ଇଚ୍ଛାକଲେ ସାବିତ୍ରୀ ଦିନ ଛୁଟି ନେଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ଗଚ୍ଛିତ ଚୋରା ବାଲିକୁ ପ୍ରଶାସନ ସରକାରୀ କାର୍ଯ୍ୟରେ ବ୍ୟବହାର କଲା

ଜଳେଶ୍ୱର, ୨୭/୫ (ନି.ପ୍ର): ଜଳେଶ୍ୱରର ବିଭିନ୍ନ ବାଲି ସୌରାତରୁ ଚୋରାରେ ବାଲି ଉତ୍ତୋଳନ କରି କେତେକ ଚୋରାବାଲି ବ୍ୟବସାୟୀ ବିକ୍ରି କରି ଆସୁଥିବା ବେଳେ ଏବେ ପ୍ରଶାସନ ପକ୍ଷରୁ ଏକ ଅଭିନବ ପନ୍ଥା ଗ୍ରହଣ କରାଯାଇଛି । କୌଣସି ସରକାରୀ ପ୍ରକଳ୍ପକୁ ଲାଗି ଆବଶ୍ୟକ ବାଲିକୁ ତହସିଲଦାର ଚୋରା ବ୍ୟବସାୟୀଙ୍କ ଠାରୁ ଜବତ୍ କରି ସରକାରୀ କାର୍ଯ୍ୟଲାଗି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବା ଆଲୋଚ୍ୟର ବିଷୟ ହୋଇଛି । ଜଳେଶ୍ୱର ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଶିଖରପୁର, ରାଜନଗର, ମଥୁରାନାଥ, ଦକ୍ଷିଣପ୍ରହରାଜପୁର, ଗୁଆଗଡିଆ, ବେହେରାସାହି, ତୋଟାପଡା, କୁଆଁରପୁର, ମାକିଡିଆ, ପଣ୍ଡିମବାର୍ଡ, ଗୋବରଘଟା, ଲକ୍ଷ୍ମଣନାଥ ଠାରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ଥାନରେ ଚୋରାବାଲି ବ୍ୟବସାୟୀମାନେ ଠୋଳ କରିଥିଲେ । ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଜାଣିପାରି କେତେକ କର୍ମଚାରୀଙ୍କ ସହିତ ଶିଖରପୁରଠାରେ ଥିବା ମହକୁଦ୍ ବାଲିକୁ ଟ୍ରାକ୍ଟରରେ ବୋହି ଆଣି ଜଳେଶ୍ୱର ଇଣ୍ଡୋର ଷ୍ଟାଡିୟମରେ ବ୍ୟବହାର କରାଇଛନ୍ତି । ଏପରି କାର୍ଯ୍ୟକୁ ସାଧାରଣାରେ ପ୍ରଶଂସା କରାଯାଇଛି । ସୂଚନାଯୋଗ୍ୟ ଚଳିତବର୍ଷ ସୁବର୍ଣ୍ଣରେଖାର ବାଲିଖାଦାନକୁ ନିଲାମ ଦିଆଯାଇନଥିବାରୁ ଲୋକଙ୍କ ଚାହିଦା ଅନୁଯାୟୀ ବାଲିର ଚୋରାକାର ବୃଦ୍ଧି ପାଉଛି ।

ବୁକର ପୁରସ୍କାର ପାଇଥିବାରୁ ଗୀତାଂଜଳୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୀତାଂଜଳୀ ଶ୍ରୀଙ୍କୁ ବୁକର ପୁରସ୍କାର ପାଇଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ତାଙ୍କର ହିନ୍ଦୀ ପୁସ୍ତକ ରେତ ସମାଧିର ଇଂରାଜୀ ଅନୁବାଦ ଟମ୍ବସ ଅଫ ସେଣ୍ଡକୁ ୨୦୨୨ର ଆନ୍ତର୍ଜାତିକ ବୁକର ପୁରସ୍କାର ମିଳିଥିବାରୁ ଅଭିନନ୍ଦନ । ଏହା ଓଡିଆ ଓ ଅନ୍ୟ ଭାରତୀୟ ଭାଷାର ଲେଖକ ମାନଙ୍କୁ ଉତ୍ସାହ ଯୋଗାଇବ ବୋଲି ସେ କହିଛନ୍ତି ।

ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ କମିଟି ବୈଠକ

ଭଦ୍ରକ,୨୭।୫: ବାଲ୍ୟ ବିବାହ ପ୍ରତିରୋଧ କମିଟିର ଏକ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସେ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ସହ ଉତ୍ତମ ଯୋଗାଯୋଗ ରକ୍ଷା କରି କିପରି ବାଲ୍ୟ ବିବାହକୁ ବନ୍ଦ କରାଯାଇ ପାରିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଆକ୍ସନଏଡ୍‌ର ଡାଇରେକ୍ଟର ଦେବବ୍ରତ ପାତ୍ର ଯୋଗ ଦେଇ ବାଲ୍ୟ ବିବାହର କାରଣ ଓ ଜିଲ୍ଲାରେ ଆବଶ୍ୟକ ଥିବା ଉପଯୁକ୍ତ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ଆକ୍ସନଏଡ୍‌ର ଏମ୍.ଆଣ୍ଡ ଇ. ମ୍ୟାନେଜର ବି.ଏନ. ଦୁର୍ଗା 'ଆଦ୍ୱିକା' ଯୋଜନାର ସଫଳ ରୂପାୟନ ଓ ତା'ର ଉପକାରିତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆକ୍ସନଏଡ୍‌ର ଜିଲ୍ଲା ସଂଯୋଜକ ଆଶିଷ ଅମିତାଭ ଦାସ ଏହି ବୈଠକକୁ ପରିଚାଳନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ବେହେରା ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଉପସ୍ଥିତ ସଖୀ, ସଖା, ଅଙ୍ଗନୱାଡ଼ି କର୍ମୀ, ବ୍ଲକ ସ୍ତରୀୟ ମହିଳା ଗୋଷ୍ଠୀର ସଭାନେତ୍ରୀ ସମ୍ପାଦିକାମାନଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ସୋସାଇଟି ଫର ଉଇକର କମ୍ୟୁନିଟି ଆଶିୟାନାର ଅଧକ୍ଷା ତଥା ଚାଇଲ୍ଡ ଲାଇନର ଅଧକ୍ଷା ସୋଫିଆ ସେଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଶପଥ ପାଠ କରାଇଥିଲେ। ୱାନ୍ ଷ୍ଟପ୍ ସେଣ୍ଟରର ସେଣ୍ଟର ଆଡମିନିଷ୍ଟ୍ରେଟର ପୁଷ୍ପାଞ୍ଜଳୀ ବେହେରା, ଆକ୍ସନଏଡ୍‌ର ନ୍ୟାସନାଲ ପ୍ରକ୍ୟୁରମେଣ୍ଟ ମ୍ୟାନଜେର ଶୁଭେନ୍ଦୁ ରାୟ ପ୍ରମୁଖ ଯୋଗ ଦେଇ ବାଲ୍ୟ ବିହାହ-ପ୍ରତିରୋଧ ସଂକ୍ରାନ୍ତୀୟ ବକ୍ତବ୍ୟ ରଖିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ସଂଯୋଜକ ଓ ଆଞ୍ଚଳିକ କାର୍ଯ୍ୟକର୍ତ୍ତାମାନେ ଏହି ବୈଠକକୁ ସିଫଳ ରୂପାୟନ କରିବାରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିଥିଲେ।

ୟୁନେସ୍କୋ ପକ୍ଷରୁ ଶିମିଳିପାଳକୁ ବିଶ୍ୱ ଜୈବ ମଣ୍ଡଳ ସ୍ୱୀକୃତି ଦିବସ ପାଳିତ

ବେତନଟୀ, ୨୭/୦୫ (ନି.ପ୍ର): ଶିମିଳିପାଳ ଇକୋ ଫ୍ରେଣ୍ଡସ, ମହୁଲିଆ ଏବଂ ଇକୋ କ୍ଲବର କେ. ସି. ଏସ.ଏନ. ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ସହଯୋଗରେ ଶିମିଳିପାଳକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଜୈବମଣ୍ଡଳ ସ୍ୱୀକୃତି ପ୍ରଦାନର ୧୪ ତମ ବାର୍ଷିକ ଚିନ୍ତନ ଦିବସ ଉପଲକ୍ଷେ 'ଶିମିଳିପାଳ ଓ ପରିବେଶ' ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି,ଏଥିରେ ମୁଖ୍ୟ ଅତିଥି ଭାବରେ ମୟୁର ସାହିତ୍ୟ ସଂସଦର ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ,ସମ୍ମାନିତ ଅତିଥି ଭାବରେ

ଇକୋ ଫ୍ରେଣ୍ଡ ଉମାକାନ୍ତ ମହାନ୍ତ ମୁଖ୍ୟ ବକ୍ତା ଭାବରେ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ ବେତନଟୀ ବ୍ଲକର ଉପ ସଭାପତି ଶିଶିର କୁମାର ନାୟକ, ସମ୍ମାନିତ ବକ୍ତା ଭାବରେ ସହୀଦ କଙ୍କା ମାଝୀ କାଳିଆ ମହାନ୍ତ ସ୍ମୃତି ପରିଷଦର ସଂଗଠକ ଭକ୍ତ ହରି ମୁର୍ମୁ ଯୋଗଦାନ କରି ଜୈବ ମଣ୍ଡଳର ବିଶେଷତା ଏବଂ ଏହାର ଆବଶ୍ୟକତା ପ୍ରସଙ୍ଗରେ ଶିକ୍ଷା ପ୍ରଦାନ କରିଥିଲେ, ସଭାକାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇକୋ କ୍ଲବ ମୟୁରଭଞ୍ଜର ଜିଲ୍ଲା ସଂଯୋଜକ ତଥା ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡ଼କ୍ଟର ରମାକାନ୍ତ ମହାନ୍ତ,ଏହି ଅବସରରେ ଡ଼କ୍ଟର ବିଜୟ କୁମାର ଅଗରୱାଲାଙ୍କ ରଚିତ 'ଶିମିଳିପାଳ ଓ ପରିବେଶ' ଉପରେ ଆଧାରିତ କୁଇଜ ପ୍ରତିଯୋଗିତା ଶିକ୍ଷୟିତ୍ରୀ ରିତାରାଣୀ ଦାସ ଙ୍କର ତତ୍ତ୍ୱାବଧାନରେ ଇକୋ କ୍ଲବର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା, ଏଥିରେ ଶୁଭାଙ୍ଗିନୀ ପଣ୍ଡା, ଶୁଭମ କୁମାର ଦୁର୍ଗା, ସାଗରୀକା ଲେଙ୍କା, ପ୍ରଣତି ଗନ୍ତାୟତ,ଅଲିଭା ନାଏକ, କାଜଲ ମହାଳିକ ପ୍ରମୁଖ ପ୍ରତିଯୋଗିତା ରେ ସଫଳତା ଲାଭ କରି ପୁରସ୍କାର ଲାଭ କରିଥିଲେ,ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ, ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ଗିରିଜା ଶଙ୍କର ମହାରଣା, ଏଠାରେ ଉଲ୍ଲେଖନୀୟଯେ ୨୦୦୯ ମସିହା ମେ ମାସ ୨୬ ତାରିଖ ଦିନ ୟୁନେସ୍କୋ ପକ୍ଷରୁ ଦକ୍ଷିଣ କୋରିଆ ର କେଦୁ ଦ୍ୱୀପ ଠାରେ ମନୁଷ୍ୟ ଏବଂ ଜୈବ ମଣ୍ଡଳ ସମର୍କିତ ୨୧ ତମ ମହାଧିବେଶନରେ ଶିମିଳିପାଳକୁ ବିଶ୍ୱ ଜୈବ ମଣ୍ଡଳର ସ୍ୱୀକୃତି ପ୍ରଦାନ କରାଯାଇଥିଲା,ସେହି ଦିନକୁ ସ୍ମରଣୀୟ କରିବା ପାଇଁ ଶିମିଳିପାଳ ଇକୋ ଫ୍ରେଣ୍ଡସ ଉଦ୍ୟମ ଜାରୀ ରଖିଛି ।

ନନ୍ଦନକାନନରେ ବହୁତଳ କାର ପାର୍କିଂ ସୁବିଧାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନନ୍ଦନକାନନଠାରେ ୩୫୪୨.୭୯ ଲକ୍ଷ ଟଙ୍କାରେ ନିର୍ମିତ ତିନିମହଲାବିଶିଷ୍ଟ ବହୁତଳ କାର ପାର୍କିଂ ସୁବିଧାର ଉଦ୍‌ଘାଟନ କରିଛନ୍ତି । ନନ୍ଦନକାନନକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଟ୍ରାଫିକ୍ ସମସ୍ୟା ଓ ସ୍ଥାନାଭାବକୁ ଦୃଷ୍ଟିରେ ରଖି ଏହି ତିନିମହଲା ବିଶିଷ୍ଟ ଗାଡ଼ି ପାର୍କିଂସ୍ଥଳ ନିର୍ମାଣ କରାଯାଇଛି। ପ୍ରତ୍ୟେକ ମହଲା ୫୬୦୦ ବର୍ଗମିଟରର ଏବଂ ଏହି ପାର୍କିଂରେ ସମୁଦାୟ ୫୮୩ଟି ଚାରିଚକିଆ ଯାନ ରହିପାରିବ। ପାର୍କିଂ ନିକଟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଟିକଟ ଘର, ପାନୀୟ ଜଳ ସୁବିଧା, ଶୌଚାଳୟ, ଡ୍ରାଇଭର ପ୍ରତୀକ୍ଷା ଗୃହ, ଅଗ୍ନିନିର୍ବାପକ ସୁବିଧା, ସିସିଟିଭି ସହିତ ସୌନ୍ଦର୍ଯ୍ୟକରଣ ପାଇଁ ବଗିଚା ଓ ପୁଷ୍କରିଣୀ ଆଦି କରାଯାଇଛି । ତଳେ ୨୦୦୦ ଦୁଇଚକିଆ ଯାନ ରହିବା ଭଳି ମଧ୍ୟ ସୁବିଧା କରାଯାଇଛି । ଏହା ଦ୍ୱାରା ନନ୍ଦନକାନନ ମୁଖ୍ୟ ରାସ୍ତାରେ ଯାନବାହନ ଭିଡ଼ କମିବା ସହ ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି ଏବଂ ଏଥି ପାଇଁ ଏକ ୨୦ ବର୍ଷିଆ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଆଗାମୀ ଦିନରେ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ନନ୍ଦନକାନନ ଅଧିକ ଆକର୍ଷଣୀୟ ହେବା ସହ ଅତ୍ୟାଧୁନିକ ପର୍ଯ୍ୟଟନ କ୍ଷେତ୍ର ରୂପେ